**କଳା ଓ ସଂସ୍କୃତି ମିଳନର ମଞ୍ଚ ମଣ୍ଡେଇର ରବିବାର ଥିବା ଉଦ୍‌ଯାପନୀ ସନ୍ଧ୍ୟା । ଶେଷ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିବା ପାଇଁ ସନ୍ଧ୍ୟାରୁ ମଞ୍ଚ ନିକଟରେ ଜମିଥିଲା ଦର୍ଶକଙ୍କ ଭିଡ଼। ଜିଲା ତଥା ଜିଲା ବାହାର କଳାକାରଙ୍କ ଲୋକନୃତ୍ୟରେ ଦୁଲିକି ଉଠିଥିଲା ମଞ୍ଚ। କଳାକାରଙ୍କ ଚିତ୍ତାକର୍ଷକ ନୃତ୍ୟ ସହ ସଙ୍ଗୀତର ତାଳେ ତାଳେ ଝୁମିଥିଲେ ଦର୍ଶକ।**


କଳାକାରମାନେ ଢ଼େମ୍‌ସା ନୃତ୍ୟ ପରିବେଷଣ କରୁଛନ୍ତି।


ମହାରାଷ୍ଟ୍ରର କଳାକାରମାନେ ଲାବନୀ ନୃତ୍ୟ ପରିବେଷଣ କରୁଛନ୍ତି।

**ମଣ୍ଡେଇ ଉଦ୍‌ଯାପନୀ ସନ୍ଧ୍ୟା**

# କଳାକାରଙ୍କ ନୃତ୍ୟରେ ବିଭୋର ଦର୍ଶକ


କଳାକାରମାନେ ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ ପରିବେଷଣ କରୁଛନ୍ତି।

**ନବରଙ୍ଗପୁର,୯।୧୨(ବି.ପ୍ର)**

ଲୋକ ମହୋତ୍ସବ ମଣ୍ଡେଇର ରବିବାର ଥିଲା ଉଦଯାପନୀ ସନ୍ଧ୍ୟା। ଏଥିରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତି ଯୋଗ ଦେଇଥିଲେ । ଜିଲାପାଳ ତଥା ଜିଲା ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ଅଜିତ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ ନବରଙ୍ଗପୁର ନିକଟସ୍ଥ ହିର୍ଲି ଡଙ୍ଗର ପାହାଡର ସୌନ୍ଦର୍ଯ୍ୟକରଣ ଓ ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଏକ କୋଟି ଟଙ୍କା ପ୍ରଦାନ କରିଥିଲେ। ଏଥିରେ ହିର୍ଲି ଡଙ୍ଗର ପାହାଡର ବିକାଶ ହେଉଛି। ଅତିଶୀଘ୍ର ଏହାର କାର୍ଯ୍ୟ ଶେଷ ହେବ ବୋଲି ସୂଚନା ଦେଇଥିଲେ। ଜୟପୁର ଭିଜିଲାନ୍ସ ଏସପି ହରେକୃଷ୍ଣ ବେହେରା, ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ, ଡାବୁଗାଁ ବିଧାୟକ ଭୁଜବଳ ମାଝି, ସ୍ୱତନ୍ତ୍ର ବିକାଶ ପରିଷଦ ଉପାଧ୍ୟକ୍ଷ ମଞ୍ଜୁଳା ମାଝି, ଜିଲା ବିଜେଡି ସଭାପତି ପ୍ରହ୍ଲାଦ ତ୍ରିପାଠୀ, କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ, ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ସବକଲେକ୍ଟର କରୁଣାକର ରାଇକା, ସିଡିଏମଓ ସରୋଜ କୁମାର ନାୟକ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି, ଜିଲା ବିଜେଡି ସମ୍ପାଦକ ରବି ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ବେଦବ୍ୟାସ ଭତ୍ରା, ଜିଲା ଯୁବ ବିଜେଡି ଉପସଭାପତି ପ୍ରକାଶ ଚନ୍ଦ୍ର ମାଝି, ପିଡିଡିଆରଡିଏ ରମାକାନ୍ତ ନାୟକ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଏହି ଅବସରରେ କୋରାପୁଟ ଜିଲାପାଳଙ୍କୁ ସମ୍ମାନିତ କରାଯାଇଥିଲା। ମଣ୍ଡେଇ ଅତି ସୁରୁଖୁରରେ ସମ୍ପନ୍ନ ହୋଇଥିବାରୁ ଭାରତ ବିକାଶ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉଦଯାପନୀ ସନ୍ଧ୍ୟାରେ ମହାରାଷ୍ଟ୍ରର ଲାବଣି, କୋଇଲି, ଦିବ୍ୟାଙ୍ଗ କଳାକାରଙ୍କ ଦ୍ୱାରା ଦେଶାତ୍ମକ ବୋଧ ସଙ୍ଗୀତ, ଢେମସା, କୁଇ ନୃତ୍ୟ, କଣ୍ଠଶିଳ୍ପୀ ଅସିମା ପଣ୍ଡାଙ୍କ ଲାଇଭ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯାହାକୁ ଦର୍ଶକ ଓ ଅତିଥି ମନଭରି ଉପଭୋଗ କରିଥିଲେ।

## ସ୍ୱଚ୍ଛତା ଉପରେ ନଜର

ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇରେ ଜନଗହଳି ଲାଗି ରହିଛି। ପଲ୍ଲୀଶ୍ରୀ ମେଳାରେ ବିଭିନ୍ନ ହୋଟେଲ ଖୋଲିଛି। ଫଳରେ ବହୁ ଆବର୍ଜନା ବାହାରୁଛି। ଏହାକୁ ଦୃଷ୍ଟିରେ ରଖିଛି ନବରଙ୍ଗପୁର ପୌର ସଂସ୍ଥା । ମଣ୍ଡେଇ ପଡିଆ ପରିସର କିଭଳି ପରିଷ୍କାର ରହିବ ସେଥିପ୍ରତି ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ ଦୃଷ୍ଟି ରଖିଛନ୍ତି।

ସେଥିପାଇଁ ସ୍ୱତନ୍ତ୍ର ଭାବେ ସଫେଇ କର୍ମଚାରୀ ନିୟୋଜିତ କରିଛନ୍ତି। ପଲିଥିନ ବ୍ୟବହାରକୁ ମନା କରାଯାଇଥିବାରୁ ଜନସାଧାରଣ ଓ ବ୍ୟବସାୟୀଙ୍କ ମଧ୍ୟ ଏଥିପ୍ରତି ସମ୍ପୂର୍ଣ୍ଣ ସହଯୋଗ ରହିଛି । ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପଲ୍ଲିଶ୍ରୀ ମେଳାରେ ଖୋଲିଥିବା ଷ୍ଟଲ ମାଲିକମାନେ ଅନାବଶ୍ୟକ, ଅଦରକାରୀ ସାମଗ୍ରୀ ଏଣେ ତେଣେ ନ ଫୋପାଡି ପୌର ସଂସ୍ଥା ପକ୍ଷରୁ ଯୋଗାଇ ଦିଆଯାଇଥିବା ବ୍ୟାଗରେ ରଖିବେ । ତାହା ସଫେଇ କର୍ମଚାରୀ ମାନେ ସକାଳୁ ଉଠାଇବେ। ଏହି ନିର୍ଦ୍ଦେଶକୁ ମଧ୍ୟ ଜନସାଧାରଣ ଓ ଦୋକାନୀ ପାଳନ କରିଛନ୍ତି। ଏହା ଦ୍ୱାରା ଚଳିତ ବର୍ଷ ପଡିଆଟି ଆବର୍ଜନା ମୁକ୍ତ ରହିଛି।


ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରୁଛନ୍ତି।


ଉପସ୍ଥିତ ଅତିଥି ଓ ଜନସାଧାରଣ।

**ପଲ୍ଲିଶ୍ରୀ ମେଳାରେ ହସ୍ତଶିଳ୍ପର ସମ୍ଭାର**

# ସରକାରୀ ଯୋଜନା ସମ୍ପର୍କିତ ସଚେତନତା ପ୍ରଦର୍ଶନୀ


ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଖୋଲା ଯାଇଥିବା ଷ୍ଟଲ୍।

ପଲ୍ଲୀଶ୍ରୀ ମେଳାରେ ହସ୍ତଶିଳ୍ପ ଓ ସରକାରଙ୍କ ବିଭିନ୍ନ ବିଭାଗର ଉନ୍ନୟନ ମୂଳକ ଯୋଜନା ଗୁଡିକ ପ୍ରତିଫଳିତ କରାଯାଇଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଛି । ଏହା ଦେଖିବା ପାଇଁ ଲୋକଙ୍କ ଭିଡ ଜମିଛି । ସେହିଭଳି ଜିଲା ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ ଓ ପରିବାର କଲ୍ୟାଣ, ଶିକ୍ଷା ଉପରେ ସଚେତନତା ବାର୍ତ୍ତା ନେଇ ଷ୍ଟଲରେ ପ୍ରଦର୍ଶନ କରାଯାଇଛି । ଜଳ ବିଭାଜିକା ମିଶନ ପକ୍ଷରୁ ଚାଷୀଙ୍କୁ ସଞ୍ଚାଇ ଯୋଜନା ଓ ଜଳଛାୟା ପ୍ରକଳ୍ପ ମାଧ୍ୟମରେ ଚାଷୀ କିଭଳି ବର୍ଷା ଅଭାବରେ ନିଜର ଚାଷ ବଞ୍ଚାଇ ପାରିବେ ତାହା ପ୍ରଦର୍ଶିତ କରାଯାଇଛି। ଏଥିସହ ଜଳ ଛାୟା ପ୍ରକଳ୍ପ ମାଧ୍ୟମରେ ଗୋଷ୍ଠିଗତ ଆର୍ଥିକ ଉନ୍ନତି କିପରି ଘଟୁଛି ତାହା ପ୍ରଦର୍ଶିତ କରାଯାଇଛି । କୃଷି ବିଭାଗ ପକ୍ଷରୁ ଷ୍ଟଲରେ ଉନ୍ନତ ମାନର ଚାଷ, ବିହନ, ସାର ପ୍ରୟୋଗ ସହ, ମୃତିକା ପରିକ୍ଷା ଓ କୃଷି ଉପକରଣ, ଅଧିକ ଅମଳ, ବିଭିନ୍ନ ସରକାରୀ ଯୋଜନାର ଲକ୍ଷ୍ୟ ଓ ଆଭିମୂଖ୍ୟ ଉପରେ ସରକାରୀ ଯୋଜନା ଜାଣିବା ଓ ସରକାରଙ୍କ ସୁବିଧା ସୁଯୋଗ ଉପରେ ସଚେତନତା ଆଣିବା ମଣ୍ଡେଇ ପ୍ରଦର୍ଶନୀ ମେଳାରେ ତହା ଜନସାଧାରଣଙ୍କୁ ସୁଯୋଗ ଦେଇଛି । ସେହିଭଳି ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ କଲ୍ୟାଣ, ଶିଶୁ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ପଶୁ ପାଳନ, ଜଙ୍ଗଲ ଆଦି ବିଭାଗ ମଧ୍ୟ ପ୍ରଦର୍ଶନୀ ମେଳାରେ ଯୋଜନାଗୁଡିକ ଉପରେ ସଚେତନତା ବାର୍ତ୍ତା ଦେଇଛନ୍ତି।


ନୃତ୍ୟରେ ମସ୍‌ଗୁଲ୍ ମହାରାଷ୍ଟ୍ରର କଳାକାରମାନେ।




ପଲ୍ଲିଶ୍ରୀ ମେଳାରେ ଖୋଲାଯାଇଥିବା ଷ୍ଟଲକୁ ଲୋକମାନେ ବୁଲି ଦେଖୁଛନ୍ତି।

## ସଂକ୍ଷେପରେ

### ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ପରୀକ୍ଷଣ ଓ ନିଦାନ ଶିବିର

ପାପଡାହାଣ୍ଡି, ୯।୧୨(ଡି.ଏନ.ଏ)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଓ ନିଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଇଓ ଭାବଗ୍ରାହୀ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ୧୫୦ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ନବରଙ୍ଗପୁର ଡିଡିଆରସି କ୍ୟାମ୍ପ ତରଫରୁ ଡଃ ନବଘନ ସେଠି, ଡଃ ଶିବପ୍ରସାଦ ସାହୁ, ଡଃ ବିଭୁଦତ ସେଠି, ଡଃ ଘନଶ୍ୟାମ ବେହେରା ଉପସ୍ଥିତ ରହି ଚିକିତ୍ସା କରିଥିଲେ। ଏବିଇଓ ଦଶରଥ ଗଣ୍ଡ, ଏବିଇଓ ପୂର୍ଣ୍ଣଚନ୍ଦ୍ର ପୂଜାରୀ, ଏବିଇଓ ବାଲକ ଦାସ ରନ୍ଧାରି ସହ ସିଆରସିସି ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ । ଛାତ୍ରୀଛାତ୍ରଙ୍କ ସହ ୧୫୦ ଜଣ ଅଭିଭାବକ ମଧ ଉପସ୍ଥିତ ରହିଥିଲେ ।

### ଦିବ୍ୟାଙ୍ଗ ଅଭିଭାବକଙ୍କ ପରାମର୍ଶ ଶିବିର

ଚନ୍ଦାହାଣ୍ଡି,୯।୧୨ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମାଲଗାଁ ଆଶ୍ରମ ବିଦ୍ୟାଳୟଠାରେ ବୁଧବାର ମାଲଗୁରିଆପଡା ଏବଂ ଗମ୍ଭାରୀଗୁଡା କ୍ଲଷ୍ଟରର ୫୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କୁ ନେଇ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ମହାପାତ୍ର ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୃନ୍ଦାବନ ସାହୁ, ସମ୍ମାନିତ ଅତିଥି ସୁରେନ୍ଦ୍ର ନାଥ ପାଢ଼ୀ ଯୋଗ ଦେଇଥିଲେ । ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ମୌଳିକ ଅଧିକାର ଓ ସୁବିଧା ସୁଯୋଗ ସମ୍ପର୍କରେ ଅଭିଭାବକମାନଙ୍କ ସହିତ ଭାବ ବିନିମୟ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଆରଟି ମାନସ ରଞ୍ଜନ ମଲ୍ଲିକ ଓ ମିଳନ କୁମାର ଷଡଙ୍ଗୀ ପରିଚାଳନା କରିଥିବା ବେଳେ ଶିକ୍ଷକ ଭାନୁମତୀ ମହାରଣା, ବିଶ୍ୱମ୍ଭର ନାୟକ, ରଶ୍ମିତା ସୁନାନୀ, କୁରୁକ୍ଷେତ୍ର ଦାଶ, ତ୍ରିନାଥ ପାଣ୍ଡେ ସହଯୋଗ କରିଥିଲେ ।

### ନାବାଳିକା ଉଦ୍ଧାର

ପାରଳାଖେମୁଣ୍ଡି, ୯।୧୨(ସ୍ୱ.ପ୍ର.)-ଘରୁ ଚାଲିଆସିଥିବା ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ପାରଳାଖେମୁଣ୍ଡି ପୋଲିସ ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ଉଦ୍ଧାର କରି ସ୍ୱାଧାର ଗୃହରେ ରଖିଥିଲା। ଖବରପାଇ ଚାଇଲ୍ଡଲାଇନ ସେଠାରୁ ନାବାଳିକାଙ୍କୁ ଆଣି ଜିଲା ଶିଶୁ କଲ୍ୟାଣ ସମିତିରେ ହାଜର କରାଇଥିଲା। ଏବେ ତାଙ୍କୁ ସ୍ଥାନୀୟ ନବଜୀବନ ଟ୍ରଷ୍ଟରେ ରଖାଯାଇଥିବା ଶିଶୁକଲ୍ୟାଣ ସମିତି ଅଧକ୍ଷ ବିନୋଦ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗଣ୍ଡାହାତୀ ଅଞ୍ଚଳର ନାବାଳିକା ଜଣଙ୍କ ଘରେ କାହାକୁ ନ ଜଣାଇ ପାରଳାଖେମୁଣ୍ଡି ଚାଲି ଆସିଥିଲେ। ସେ ପାରଳାଖେମୁଣ୍ଡି ବସ୍‌ଷ୍ଟାଣ୍ଡରେ କାନ୍ଦୁଥିବା ଦେଖି ତାଙ୍କ ଗ୍ରାମ ନିକଟର ଦୁଇଜଣ କଲେଜ ଝିଅ ନାବାଳିକାଙ୍କୁ ଡାକି ନିଜ ପାଖରେ ରଖିଥିଲେ। ସେମାନେ ବୁଝାଶୁଝା କରି ନାବାଳିକାଙ୍କୁ ଘରକୁ ପଠାଇବା ପାଇଁ ବସ୍‌ଷ୍ଟାଣ୍ଡରେ ଛାଡିବାବେଳେ ପୋଲିସ ଖବରପାଇ ତାଙ୍କୁ ଉଦ୍ଧାର କରିଥିଲା।

### ହସ୍ତକଳା ପ୍ରଦର୍ଶନୀ

ପାରଳାଖେମୁଣ୍ଡି, ୯।୧୨(ସ୍ୱ.ପ୍ର.) ଗଜପତି ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ହସ୍ତକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ହସ୍ତକଳା ପ୍ରଦର୍ଶନୀ ଦ୍ୱାରା ସ୍ଥାନୀୟ ଶିଳ୍ପୀମାନେ ଅଧିକା ଉତ୍ସାହିତ ହେବା ସହ ସେମାନଙ୍କର ଅନ୍ତର୍ନିହିତ କଳା ବାହାରକୁ ପରିପ୍ରକାଶ ହେବ ବୋଲି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ବିଚିତ୍ରାନନ୍ଦ ବେବର୍ତ୍ତା କହିଥିଲେ। ଏହି ପ୍ରଦର୍ଶନୀରେ ବିଭିନ୍ନ ପ୍ରକାର ହସ୍ତଶିଳ୍ପ କାରୁକାର୍ଯ୍ୟ ପ୍ରଦର୍ଶନ କରାଯାଇଥିଲା। ଅନୁଷ୍ଠାନର ଅଧକ୍ଷ ଡାକ୍ତର ମୁର୍ମୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସୁଚିସ୍ମିତା ବଳ, ପ୍ରସାଦ ନାୟକ, ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ଧର୍ମରାଜ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ତାଲିମ ଶିବିର

ପାରଳାଖେମୁଣ୍ଡି, ୯।୧୨(ସ୍ୱ.ପ୍ର.) - ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନରେ ସଉଦା ଓ ରାଶନ ସାମଗ୍ରୀ ବ୍ୟବସାୟ ପାଇଁ ଏକ ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ଜିଲା ନାବାର୍ଡ ଅଧିକାରୀ ସୁଦମନ୍ୟୁ ପାଲ ଓ ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଦାମୋଦର ଉଗୁର୍‌ସାଣ୍ଡି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଶିବିର ୬ଦିନ ଧରି ଚାଲିବାକୁ ଥିବାବେଳେ ଏଥିରେ ୨୫ଜଣ ବେକାର ଯୁବକ ଯୋଗଦେଇଛନ୍ତି । କେନ୍ଦ୍ରର ପଠ୍ୟକ୍ରମ ସଂଯୋଜକ ଦିଲ୍ଲୀପ କୁମାର ତନ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନିର୍ଦ୍ଦେଶକ ଚିନ୍ତାମଣି ଭୂୟାଁ ଧନ୍ୟବାଦ ଦେଇଥିଲେ।

# ଏସ. ଅଗନେଶ ରାନିଙ୍କୁ ନବରଙ୍ଗପୁର ସ୍କିଲ ଆଇକନ

ନବରଙ୍ଗପୁର,୯।୧୨(ବି.ପ୍ର.)

ସରକାର ଓ ପ୍ରଶାସନର ଉଦ୍ୟମ ମୋ ଭଳି ଜଣେ ଶିକ୍ଷିତ ବେକାରୀ ଯୁବତୀଙ୍କ ପାଇଁ ରୋଜଗାରର ବାଟ ଫିଟାଇ ପାରିଛି। ପରିବାରର ଆର୍ଥିକ ସଙ୍କଟ ମଧ କିଛିମାତ୍ରାରେ ଲାଘବ ହୋଇପାରିଛି। ଆତ୍ମବିଶ୍ୱାସ ଓ ନିଷ୍ଠା ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପାରିଛି। ମଣ୍ଡେଇ ମଞ୍ଚରେ ନବରଙ୍ଗପୁର ସ୍କିଲ ଆଇକନ ଭାବେ ସମ୍ମାନିତ ହୋଇଥିବା ଏସ. ଅଗନେଶ ରାନି ଜନସାଧାରଣଙ୍କୁ ଉଦବୋଧନ ଦେଇ ଏହା କହିଛନ୍ତି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପଡାଲଗୁଡା ପଞ୍ଚାୟତ ସଦର ମହକୁମ୍ଭାର ବାପା ଏସ. ଅଶୋକ କୁମାର ଓ ମାଆ ଏସ. ପ୍ରଣତି ପ୍ରିୟାଙ୍କ ବଡ ଝିଅ ଅଗନେସ । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ବଜାର ବିପଣନ ସଂସ୍ଥା ପକ୍ଷରୁ ଅଗନେସଙ୍କୁ ନବରଙ୍ଗପୁର ସ୍କିଲ ଆଇକନ ଭାବେ ଜିଲାପାଳ ଅଜିତ କୁମାର ମିଶ୍ର ମାନପତ୍ର ଓ ଶ୍ରଦ୍ଧାର ଭେଟି ଦେଇ ଶନିବାର ମଣ୍ଡେଇ ୨ୟ ସନ୍ଧ୍ୟାରେ ସମ୍ମାନିତ କରିଛନ୍ତି। ଅଗନେସ ନବରଙ୍ଗପୁର ମହାବିଦ୍ୟାଳୟରେ ୨୦୧୫ରେ ବିଏସସି ପାସ କରିଥିଲେ । ପରିବାର କହିଲେ ବାପା,ମାଆ ସମେତ ୪ ଭଉଣୀ ଓ ଭାଇ । ପରିବାରର ନିଜର ବୋଲି ଘର ଖଣ୍ଡେ ନାହିଁ । ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ କ୍ୱାଟର୍ସ ଖାଲି ପଡିଥିବାରୁ ସେଠାରେ ସରପଞ୍ଚ ରହିବାକୁ ଦେଇଥିଲେ । ଘରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଅଗନେସ ଚାକିରି ଅନ୍ୱେଷଣରେ ବିଭିନ୍ନ କାର୍ଯ୍ୟାଳୟ ଘୁରି ବୁଲିଥିଲେ । କମ୍ପ୍ୟୁଟରରେ ଆକାଉଣ୍ଟିଂ ଓ ଟାଲି ଯୋଗ୍ୟତା ଆବଶ୍ୟକ ବୋଲି କିଛି ସଂସ୍ଥା କହିବା ପରେ ସେ ଉମରକୋଟ ଠାରେ ଏକ ଘରୋଇ କମ୍ପ୍ୟୁଟର ସେଣ୍ଟରରେ ପାଠ ପଢିଥିଲେ । ୨୦୧୬ରେ ସରକାରଙ୍କ ଦିନଦୟାଲ ଗ୍ରାମୀଣ କୌଶଳ ବିକାଶ ଯୋଜନାର ଜିଲା ସ୍ତରୀୟ ନିଯୁକ୍ତି ମେଳାରେ ଚାକିରି ପାଇଁ ପଞ୍ଜିକରଣ କରିଥିଲେ। ପରେ ଭୁବନେଶ୍ୱରର ନାଇସ ସଂସ୍ଥାରେ ଯୋଗ୍ୟତା ଭିତ୍ତିରେ ତାଲିମ ନେଇଥିଲେ। ସେଠାରେ ବ୍ୟାଙ୍କିଙ୍ଗ, ଆକାଉଣ୍ଟ ତାଲିମ ପରେ ଚାକିରି ଦିଆଯିବ ବୋଲି କହିଥିଲେ। ତାଲିମ ସମୟରେ ଦିଲ୍ଲୀର ଏକ ସଂସ୍ଥା ଜନତପୁର ଠାରେ ଇଣ୍ଟରଭିୟୁ କରିଥିଲେ। ସେଥିରେ ୪ ଜଣ ଭାଗ ନେଇଥିଲେ ।

## ମଣ୍ଡେଇ ମଞ୍ଚ

ତାଲିମ ସରିବା ପରେ ଅଗନେସ ଘରକୁ ଚାଲି ଆସିଥିଲେ । ପରବର୍ତ୍ତି ସମୟରେ ବିହାରରେ ତାଙ୍କର ଚାକିରି ହୋଇଛି ବୋଲି ଦିଲ୍ଲୀରୁ ଏକ ଫୋନ ଆସିଥିଲା। ଘରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେଠାରେ ଚାକିରି କରିବାକୁ ପରିବାର ଲୋକ ଅନୁମତି ଦେଇଥିଲେ। ବିହାରର ମୋତିହାର ଠାରେ ଥିବା ଇପିକୋର ସଂସ୍ଥାରେ ପ୍ରୋଜେକ୍ଟ ଫାଇନାନ୍ସ ଅଫିସର ଭାବେ ଯୋଗ ଦେଇଥିଲେ । ପ୍ରଥମେ ୧୩ ହଜାର ଟଙ୍କା ଦରମା ମିଳିଥିଲା। ଚାକିରିର ଦୁଇ ବର୍ଷ ମଧ୍ୟରେ ସେ ସମସ୍ତ ଇପିଏଫ, ଗ୍ରାଚ୍ୟୁଏଟି, ଇନସୁରାନ୍ସ ଭଳି ସମସ୍ତ ସୁବିଧା ସୁଯୋଗ ସହ ମାସିକ ୨୧ ହଜାର ୯୫ ଟଙ୍କା ଦରମା ପାଉଛନ୍ତି ବୋଲି କହିଛନ୍ତି । କେବଳ ଏତିକି ନୁହେଁ ନିଯୁକ୍ତି ମେଳାରେ ନାଁ ପଞ୍ଜିକରଣ ପରେ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଆମ ପ୍ରତି ଦୃଷ୍ଟି ମଧ ରହୁଛି । ଆମେ କିଭଳି ରହିଛୁ। ଚାକିରି ପାଇବା ପରେ କାମ କରୁଛୁ କି ନାହିଁ ସେ ସମ୍ପର୍କରେ ମଧ ଅନୁଧ୍ୟାନ କରି ଫୋନ କଲ ମଧ ଆସୁଛି । ସରକାରଙ୍କ ପକ୍ଷରୁ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ତଥା ଥଇଥାନ ବ୍ୟବସ୍ଥା ପ୍ରତି ବିଶ୍ୱାସ ଅତୁଟ ରହିଲେ ଲକ୍ଷ୍ୟ ସ୍ଥଳକୁ ପହଞ୍ଚି ପାରିବା ବୋଲି ଅଗନେସ କହିଛନ୍ତି । ଏବେ ପରିବାରରେ ଲାଗି ରହିଥିବା ଆର୍ଥିକ ସଙ୍କଟ କିଛି ମାତ୍ରାରେ ଲାଘବ ହୋଇଛି ବୋଲି ମାଆ ପ୍ରଣତିପ୍ରିୟା କହିଛନ୍ତି।



ଜିଲାସ୍ତରୀୟ ମଣ୍ଡେଇ ମହୋତ୍ସବରେ ଅଗେନେଶ ରାନିଙ୍କୁ ସ୍କିଲ ଆଇକନ ଭାବେ ସମ୍ମାନିତ କରାଯାଉଛି।

## ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ
# ଗର୍ଭବତୀଙ୍କ ସମେତ ୪ ଆହତ

ଝରିଗାଁ,୯।୧୨(ସ୍ୱ.ପ୍ର)



ଦୁର୍ଘଟଣଗସ୍ତ ଆମ୍ବୁଲାନ୍ସ

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ଜଣେ ଗର୍ଭବତୀ ଙ୍କୁ ଶନିବାର ବିଳମ୍ବିତ ରାତିରେ ୧୦୮ ଆମ୍ବୁଲାନ୍ସରେ ମେଡିକାଲ ଆଣିବା ସମୟରେ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗର୍ଭବତୀଙ୍କ ସମେତ ଡ୍ରାଇଭର, ଆଶାକର୍ମୀ ଏବଂ ଫର୍ମାସିଷ୍ଟ ଆହତ ହୋଇଛନ୍ତି। ଝରିଗାଁ ବ୍ଲକ ବଡଟେମରା ପଞ୍ଚାୟତ ମୁଣ୍ଡାପଦର ଗ୍ରାମର ମନ ଜାନିଙ୍କ ସ୍ତ୍ରୀ ଲକ୍ଷ୍ମୀ ଜାନୀ( ୩୫)ଙ୍କୁ ଶନିବାର ରାତି ୧୧ଟାରେ ପ୍ରସବକାଳୀନ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଝରିଗାଁଠାରେ ଆମ୍ବୁଲାନ୍ସ ନଥିବାରୁ ଉମରକୋଟ ଠାରୁ ୧୦୮ ଆମ୍ବୁଲାନ୍ସ(ଓଡି–୦୨ ଏନ୍ ୪୫୯୩) ମୁଣ୍ଡାପଦର ଗାଁକୁ ଆସିଥିଲା। ସେଠାରେ ଆଶାକର୍ମୀଙ୍କ ସହାୟତାରେ ଲକ୍ଷ୍ମୀଙ୍କୁ ଧରି ଝରିଗାଁ ଅଭିମୁଖେ ଆସିଥିଲା। ରାତି ପ୍ରାୟ ୨ଟାରେ କୁଚ୍ରିଛାପର ପଞ୍ଚାୟତ ଗୌଡଗୁଡା ଗ୍ରାମ ନିକଟରେ କଲଭର୍ଟ ନିକଟରେ ଆମ୍ବୁଲାନ୍ସଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏଥିରେ ଲକ୍ଷ୍ମୀ ଜାନି, ମୁଣ୍ଡାପଦର ଆଶାକର୍ମୀ ମନିକା ଜାନୀ, ଡ୍ରାଇଭର ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଫର୍ମାସିଷ୍ଟ ଜୟରାମ ମାଝୀ ଆହତ ହୋଇଥିବା ବେଳେ ସେମାନଙ୍କୁ ପ୍ରଥମେ ଝରିଗାଁ ଏବଂ ଏହାପରେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡ୍ରାଇଭର ଏବଂ ଫର୍ମାସିଷ୍ଟଙ୍କୁ ଚିକିତ୍ସା କରାଯାଉଥିବା ବେଳେ ଆଶାକର୍ମୀଙ୍କ ଓ ମହିଳାଙ୍କୁ ମଧ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ସେଠାରେ ଲକ୍ଷ୍ମୀଙ୍କ ପିଲା ନଷ୍ଟ ହୋଇଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ଥିବାରୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ, ଏସଆଇ ଅଭୟ ପ୍ରଧାନ, ଏସ୍‌ଆଇ ଦେଓଙ୍କ ସହ ଅଗ୍ନିଶ୍ରମ ବିଭାଗୀୟ କର୍ମଚାରୀ ପହଞ୍ଚି ଆମ୍ବୁଲାନ୍ସଟିକୁ ରାସ୍ତାକଡରୁ ଉଠାଇ ଥାନାକୁ ଆଣିଛନ୍ତି।

# ଯୁବ କଂଗ୍ରେସର ଜାନୁୟାରୀରେ ଦଳୀୟ ନିର୍ବାଚନ

ନବରଙ୍ଗପୁର,୯।୧୨(ଡି.ଏନ.ଏ.)–

ନବରଙ୍ଗପୁର ଜିଲା ଯୁବ କଂଗ୍ରେସ ପକ୍ଷରୁ ଆହୁତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଯୋଗଦେଇ ଗତ ଅକ୍ଟୋବର ୧ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଯୁବ କଂଗ୍ରେସର ସଦସ୍ୟତା ଅଭିଯାନ ଚାଲିଛି। ଏହାପରେ ଦଳୀୟ ନିର୍ବାଚନ କରାଯିବ । ଜିଲା ନିର୍ବାଚନ ଅଧିକାରୀ ଭାବେ ଉତ୍ତର ପ୍ରଦେଶର ଯୁବନେତା କମଲେଶ ଯାଦବ ଯୋଗଦେଇ ଚଳିତବର୍ଷ ଯୁବ କଂଗେସର ଲୋକସଭାକ୍ଷେତ୍ର ସଭାପତି ପଦବୀକୁ ଉଚ୍ଛେଦ କରାଯାଇଛି। ପୂର୍ବବର୍ଷଭଳି ଜିଲା ଯୁବ କଂଗ୍ରେସ ସଭାପତି ସହିତ ବିଧାନସଭା କ୍ଷେତ୍ର ଓ ବ୍ଲକ ଯୁବକଂଗ୍ରେସ ସଭାପତି ରହିବେ । ଜିଲାରେ ମୋଟ ୨୦୦୦ରୁ ୨୫୦୦ ଯୁବ କଂଗ୍ରେସ ସଦସ୍ୟ ରହିବେ । ସେମାନଙ୍କ ବୟସ ୧୮ରୁ ୩୫ବର୍ଷ ହୋଇଥିବ । ଜଣେ ଲେଖାଏଁ ଆକ୍ଟିଭ ମେମ୍ବର ୪ଜଣ ଲେଖାଏଁ ସାଧାରଣ ସଦସ୍ୟ କରିବା ସହ ଗୋଟିଏ ଫର୍ମରେ ପୂରଣ କରିବେ । ଏହି ସଦସ୍ୟତା ଆବେଦନ ଅଫଲାଇନରେ ୧୦ ତାରିଖ ସୋମବାର ୫ ଟା ପର୍ଯ୍ୟନ୍ତ ଓ ଅନଲାଇନରେ ୧୨ ତାରିଖ ପର୍ଯ୍ୟନ୍ତ ରହିଛି । ଏହି ସଦସ୍ୟମାନେ ଆସନ୍ତା ଜାନୁୟାରୀରେ ହେବାକୁ ଥିବା ଦଳୀୟ ନିର୍ବାଚନରେ ଯୁବ କଂଗ୍ରେସର ବିଧାନସଭା ସଭାପତି, ଜିଲା ସଭାପତି ଓ ସାଧାରଣ ସମ୍ପାଦକ ଏବଂ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଓ ସାଧାରଣ ସମ୍ପାଦକଙ୍କୁ ଭୋଟ ଦେବେ ବୋଲି କହିଥିଲେ । ଏଥିରେ ଲୋକସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ତାଜ୍ ଇମ୍ରାନ ସରିଫ ଯୋଗଦେଇ ଜିଲାରେ ଯୁବ କଂଗ୍ରେସ ଦ୍ୱାରା କରାଯାଇଥିବା ସଦସ୍ୟତା ଅଭିଯାନ ସଂପର୍କରେ ସୂଚନା ଦେଇଥିଲେ । ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ଦିଲ୍ଲୀପ ବେହେରା, ନଗର ସଭାପତି ଉତ୍ତମ ତ୍ରିପାଠୀ , ଜିଲା ଆଦିବାସୀ କଂଗ୍ରେସ ସଭାପତି ଅଖିଳଭତରା , ପ୍ରଣତି ତ୍ରିପାଠୀ , ଯୁବନେତା ସୁମିତ ପୂଜାରୀ ପ୍ରମୁଖ ଯୋଗ ଉପସ୍ଥିତ ଥିଲେ ।

# ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଚନ୍ଦାହାଣ୍ଡି, ୯।୧୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ବୋଦେଲପାଣି ଗ୍ରାମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏସଏଚସ୍ଥ ସ୍ୱାସ୍ଥ୍ୟଟିମ ଗୁରୁବାର ଗସ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବସନ୍ତ କୁମାର ଷଡଙ୍ଗୀ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରିଥିଲେ । ଡେଙ୍ଗୁ ମ୍ୟାଲେରିଆ, ଟାଇଫଏଡ, ଜ୍ୱର, ଝାଡାବାନ୍ତି, ଯକ୍ଷ୍ମା ଆଦିର କାରଣ ଓ ପ୍ରତିକାର ସମ୍ବନ୍ଧରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଗ୍ରାମର ପରିବେଶକୁ ପରିଷ୍କାର ରଖିବା, ଖାଦ୍ୟ ଖାଇବା ପୂର୍ବରୁ ସାବୁନରେ ହାତ ଧୋଇବା, ପାଣିକୁ ଫୁଟାଇ ପିଇବା, ଖାଦ୍ୟକୁ ଘୋଡାଇ ରଖିବା, ମଶାରି ଟାଙ୍ଗି ଶୋଇବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ପରୀକ୍ଷା କରାଯାଇ ସରକାରୀ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଟଙ୍କଧର ପୂଜାରୀ, ଭୋଳାନାଥ ନାୟକ, ଫାର୍ମାସିଷ୍ଟ ରମେଶ ଦାଶ, ବାଳଗୋବିନ୍ଦ ମାଝି ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରରେ ଖାଦ୍ୟ ମେଳା

ପାରଳାଖେମୁଣ୍ଡି, ୯।୧୨(ସ୍ୱ.ପ୍ର.)

ଗଜପତି ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ତରଫରୁ ଖାଦ୍ୟମେଳା (ଆମ ରୋଷେଇ) ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଓ ଶିକ୍ଷାବିତ ବିଚିତ୍ରାନନ୍ଦ ବେବର୍ତ୍ତା ଯୋଗଦେଇଥିଲେ । ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର ୨ଶହ ପ୍ରଶିକ୍ଷିକା ଓ ପ୍ରଶିକ୍ଷକ ୨୦ଟି ଦଳରେ ଭାଗହୋଇ ଖାଦ୍ୟମେଳାରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ଖାଦ୍ୟ ପ୍ରସ୍ତୁତି କରାଯାଇ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଅଧକ୍ଷ ଡାକ୍ତର ମୁର୍ମୁଙ୍କ ତତ୍ତ୍ୱାବଧାନରେ ମୁକ୍ତ ବିଦ୍ୟାଳୟର ସଂଯୋଜିକା ସୁଚିସ୍ମିତା କର, ମମତା ଜେନା, ପ୍ରଫୁଲ୍ଲ ପାଣିଗ୍ରାହୀ, ସନ୍ତୋଷୀ ଦେବୀ, ଧର୍ମରାଜ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାମରେ ଲାଗୁନି ଡିଜିଟାଲ ଏକ୍ସରେ ମେଶିନ

ପାରଳାଖେମୁଣ୍ଡି, ୯।୧୨(ସ୍ୱ.ପ୍ର.)

ଗଜପତି ଜିଲା ମୁଖ୍ୟ ଚିକିତ୍ସାଳୟର ଏକ୍ସରେ ବିଭାଗରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି । ଏଠାରେ ଡିଜିଟାଲ ଏକ୍ସରେ ମେଶିନ ରହିଥିଲେ ମଧ କାମରେ ଲାଗୁନାହିଁ। ସାଧାରଣ ମେଶିନରେ ଏକ୍ସରେ କରାଯାଉଛି । ଯାହାର ଫଟୋଚିତ୍ର ସ୍ୱଷ୍ଟ ଦୃଷ୍ୟମାନ ହେଉନାହିଁ । ରୋଗୀମାନେ ଏକ୍ସରେ କରିବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରି ରହୁଥିବା ଦେଖିବାକୁ ମିଳୁଛି। ସକାଳେ ଏକ୍ସରେ କରିବା ପରେ ସନ୍ଧ୍ୟାରେ ରିପୋର୍ଟ ମିଳିବ ବୋଲି କୁହାଯାଉଛି । ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିପିନ ବିହାରୀ ପାଣିଗ୍ରାହୀଙ୍କୁ ପଚାରିବାରେ ଡିଜିଟାଲ ମେଶିନ ଥାଇ କାହିଁକି ସାଧାରଣ ମେଶିନରେ ଏକ୍ସରେ କରାଯାଉଛି ସେନେଇ ବୁଝିବି ବୋଲି କହିଛନ୍ତି।

# ଗୋଷାଣୀରେ ଭଲିବଲ ଟୁର୍ନାମେଣ୍ଟ

ଗୋଷାଣି, ୯।୧୨(ଡି.ଏନ୍.ଏ.)



ଅତିଥିଙ୍କ ସହ ଅନ୍ୟମାନେ ।

ଗଜପତି ଜିଲା ଗୋଷାଣୀ ବ୍ଲକ ଗୁରାଣ୍ଡି ପଞ୍ଚାୟତ ଅଧୀନ ସଦର ଗ୍ରାମସ୍ଥିତ ଏସ୍‌କେସିଜି ହାଇସ୍କୁଲ ଖେଳ ପଡିଆରେ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ବିଡିଓ ସଂଗ୍ରାମ ଶେଖର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଗୋଷାଣୀ ଅଧକ୍ଷା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡି ଚଞ୍ଚଳ ରଣା ଓ ବିଜୁ ଯୁବ ବାହିନୀ ସଭାପତି ଚିନୁରାଜ ପାତ୍ର ଉପସ୍ଥିତ ଥିଲେ। ଏଥିରେ ବ୍ଲକରୁ ୧୬ଟି ଟିମ୍ ଭାଗ ନେଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ଉପସ୍ଥିତ ଥିଲେ।

## ମଣ୍ଡେଇ କବିତା ପାଠୋତ୍ସବ

ନବରଙ୍ଗପୁର,୯।୧୨(ଡି.ଏନ୍.ଏ.)–

ଜିଲାର ମହାନ ଗଣପର୍ବ ତଥା ଲୋକ ମହୋତ୍ସବ ମଣ୍ଡେଇର ତୃତୀୟ ଦିବସ ଅବସରରେ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହଠାରେ ଜିଲାର ଶତାଧିକ କବି ଓ କବୟିତ୍ରୀଙ୍କ ଗହଣରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅଜିତ କୁମାର ମିଶ୍ର, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ପରିକ୍ଷୀତ ସେଠୀ, ସହକାରୀ ଜିଲାପାଳ ସୁକାନ୍ତ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ । ବିଜୟ ଚୌଧୁରୀଙ୍କ ଅଧକ୍ଷତାରେ ଓ କମିଟି ସଦସ୍ୟ ନାରାୟଣ ପଣ୍ଡା, ଡ. ବିଜୟ ମିଶ୍ର, ବୁଲୁ ହୋତା, ଡ. ଶେଷାନନ୍ଦ ମିଶ୍ର, ରାଜୀବ ଜାଲ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ । କବି ରତିକାନ୍ତ ଦୁବେ, ସୁଶୋଭିତା ତୁରକ୍, ନିହାରୀକା ମଲ୍ଲିକ, ଜଗନ୍ନାଥ ବେହେରା, ଶ୍ରୀଧର ଶତପଥି ଓ ସ୍ୱପ୍ନା ମହାନ୍ତିଙ୍କ ସୁନ୍ଦର ସଂଯୋଜନାରେ କବି ରମେଶ ପଟ୍ଟନାୟକ, ବଲ୍ଲଭ ରାଉତ ସୁଧିରାଜ ରାଉତ, ସୁମିତା ପଟ୍ଟନାୟକ, ସୁଷମା ଜୈନ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ଗୋପାଳ ପାଣିଗ୍ରାହୀ, ପି. ରବିକାନ୍ତ ରଘୁରାମ ପ୍ରମୁଖ କବିତା ପାଠ କରିଥିଲେ ।

# ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ରାଇଘର, ୯।୧୨ (ଡି.ଏନ.ଏ)



ଭାଜପା ମହିଳାମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ କରାଯାଉଛି ।

ସେଲଟର ହୋମରେ ଯୌନ ନିର୍ଯାତନା, ଯୁବତୀ ଚାଲାଣ ଓ ଧର୍ମାନ୍ତରୀକରଣକୁ ବିରୋଧ କରି ନବରଙ୍ଗପୁର ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ରାଇଘର ବ୍ଲକର କୁରାବେଡା ପଞ୍ଚାୟତରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଇସ୍ତଫା ଦାବି କରିବା ସହ କୁଶପୁତ୍ତଳିକା ଦାହ କରାଯାଇଛି। ରାଜ୍ୟ ସରକାରଙ୍କ ସଠିକ ତଦାରଖ ନ କରିବା ଦ୍ୱାରା ସେଲଟର ହୋମଗୁଡିକରେ ଅନୈତିକ କାର୍ଯ୍ୟକଳାପ ଚାଲୁଥିବା ମୋର୍ଚ୍ଚା ପକ୍ଷରୁ ଅଭିଯୋଗ ହୋଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା ମହିଳା ମୋର୍ଚ୍ଚା ସଭାପତି ପ୍ରବିଣା କଲାର, ଜିଲା ପରିଷଦ ସଭ୍ୟା ପ୍ରିତୀସ୍ନିଗ୍ଧା ମହାପାତ୍ର, ଉମରକୋଟ ନଗର ମଣ୍ଡଳ ସଭାପତି ରଶ୍ମିତା ମାଝି, ମହିଳା ମୋର୍ଚ୍ଚା ଉପସଭାପତି ପଞ୍ଚଳି ଗଣ୍ଡ, କୁରାବେଡା ସରପଞ୍ଚ ବାସନ୍ତି ଗଣ୍ଡ, ଯୋଶମନ୍ତି ମେହେର, ଜୟନ୍ତି ଗଣ୍ଡ ପ୍ରମୁଖ ସାମିଲ ଥିଲେ ।

# ବିଦ୍ୟୁତ୍ କର୍ମଚାରୀ ସଂଘର ସଭା

ପାରଳାଖେମୁଣ୍ଡି, ୯।୧୨(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ଓଡିଶା ରାଜ୍ୟ ବିଦ୍ୟୁତ କର୍ମଚାରୀ ସଂଘର ୨୦୧୯ ମସିହା ପାଇଁ ଡିଭିଜନସ୍ତରୀୟ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ମହାନ୍ତି ସଭାପତିତ୍ୱ କରିଥିବାବେଳେ ଉପସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, କେନ୍ଦ୍ରୀୟ ସଙ୍ଗଠନ ସମ୍ପାଦକ ବିଜୟ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ସୂର୍ଯ୍ୟ ନାରାୟଣ ବିଶୋଇ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ଗୁଣୁପୁର ଡିଭିଜନ ସମ୍ପାଦକ ଅଜିତ କୁମାର ପଣ୍ଡା, କେନ୍ଦ୍ରୀୟ କାର୍ଯ୍ୟକାରୀ ସଭ୍ୟ ପ୍ରଦୀପ କୁମାର ପାଢୀ ଯୋଗଦେଇଥିଲେ। ୨୦୧୯ ମସିହା ପାଇଁ ପାରଳାଖେମୁଣ୍ଡି ଡିଭିଜନର ସମ୍ପାଦକ ଭାବେ ସୁକାନ୍ତ କୁମାର ପଣ୍ଡା, କେନ୍ଦ୍ରୀୟ କାର୍ଯ୍ୟକାରୀ ସଭ୍ୟ ଭାବେ ଅଶ୍ୱୀନ କୁମାର ସ୍ୱାଇଁ ଓ ସହସମ୍ପାଦକ ଭାବେ ମନୋଜ କୁମାର ବେହେରା ନିର୍ବାଚିତ ହୋଇଛନ୍ତି। ଲାଇନ ମ୍ୟାନ ଓ ଆଉଟସୋର୍ସମାନଙ୍କ ଚାକିରି କିପରି ନିୟମିତ ହେବ ସେନେଇ ଆଲୋଚନା ହୋଇଥିଲା।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଚନ୍ଦାହାଣ୍ଡି, ୯।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବିଇଓ କାର୍ଯ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ବ୍ଲକସ୍ତରୀୟ କାର୍ଯ୍ୟକ୍ରମକୁ ବିଇଓ ଭଜନଲାଲ ମାଝି ଉଦ୍‌ଘାଟନ କରିଥିଲେ । ଏବିଇଓ ପୁରୁଷୋତ୍ତମ ପାରୀ, ସୁଶିଳା ପୋଦ୍ଦାର, ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଉମରକୋଟ ଜୋନାଲ ଚିକିତ୍ସାଳୟରୁ ଆସିଥିବା ଡାକ୍ତର ଉପସ୍ଥିତ ଥିଲେ। ଏଥିରେ ୨୮୫ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଆରଟି ମାନସ ମଲ୍ଲିକ, ମିଳନ କୁମାର ଷଡଙ୍ଗୀ ପରିଚାଳନା କରିଥିବାବେଳେ ସିଆରସିସି ପର୍ଶୁରାମ ସୁନାନି, ବଳଭଦ୍ର ବିଶୋଇ, ପ୍ରେମଚାନ୍ଦ ବିଶୋଇ, ସୁବାସ ସାହୁ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମାନସିକ ବିଶେଷଜ୍ଞ ଡାକ୍ତର ବିବେକାନନ୍ଦ ସେଠୀ, ଶ୍ରବଣ ବିଶେଷଜ୍ଞ ଶିବସୁନ୍ଦର ସାହୁ, ଚକ୍ଷୁ ସହାୟକ ରାମଚନ୍ଦ୍ର ରାମଙ୍କ ସହ ଅଭିଭାବକ ଏବଂ ଗାଇଡ ଶିକ୍ଷକ ଉପସ୍ଥିତ ଥିଲେ।

## ଭଜନ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୯।୧୨(ସ୍ୱ.ପ୍ର.)–

ପାରଳାଖେମୁଣ୍ଡିସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦେବ ଦିପାବଳୀ ଅବସରରେ ଦେବୀ ମଠର ରାମାନନ୍ଦଜୀ ଦାସ ମହାରାଜ ଏକ ଭଜନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସୁଜିତ ପ୍ରଧାନଙ୍କ ଉପସ୍ଥାପନାରେ ନୃସିଂହ ପ୍ରସାଦ ପାଢୀ, ଗିରିଶ ଚନ୍ଦ୍ର ରଥ, ଭିକାରୀ ପାଣି, ରବି ନାରାୟଣ ଦାସ, କୁନାବାବୁ ହଳଧର ପ୍ରମୁଖ ଭଜନ ଓ ବାଦ୍ୟଯନ୍ତ୍ର ପରିବେଷଣ କରିଥିଲେ।

# ମହାବୀର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଡାବୁଗାଁ,୯।୧୨(ଡି.ଏନ.ଏ.)



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଜୟନ୍ତୀନଗର ସ୍ଥିତ ମିନି ଷ୍ଟାଡିୟମରେ ରବିବାର ମହାବୀର କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ଭୁଜବଳ ମାଝୀ ଯୋଗଦେଇ ଖେଳ ଉଦଘାଟନ କରିଥିଲେ । ଉଦଘାଟନୀ ମ୍ୟାଚ ନବରଙ୍ଗପୁର ଓ ସୁନାବେଡା ଦଳ ମଧ୍ୟରେ ହୋଇଥିଲା । ନବରଙ୍ଗପୁର ପ୍ରଥମେ ବ୍ୟାଟିଂ କରି୧୪ ଓଭର ୪ ବଲରେ ୧୨୦ ରନ କରି ଅଲଆଉଟ ହୋଇଥିଲେ । ଅପରପକ୍ଷେ ସୁନାବେଡା ୧୪ ଓଭର ୨ ବଲରେ ୯ ଉଇକେଟ ହାରାଇ ୧୨୧ ମାରି ବିଜୟ ଲାଭ କରିଥିଲା। ଏହି ଟୁର୍ନାମେଣ୍ଟରେ ମୋଟ ୧୬ ଟି ଟିମ ଭାଗ ନେବେ । ଏହି ଟୁର୍ନାମେଣ୍ଟରେ ଅତିଥି ଭାବେ ପୂର୍ବତନ ଏମପି ପ୍ରଦୀପ ମାଝି , ବ୍ଲକ ଚେୟାରମ୍ୟାନ ବଂଶିଧର ମାଝୀ , ବିଧାୟକ ପ୍ରତିନିଧି ଜି. ସାଇ ରାଜୁ , କଂଗ୍ରେସ ଜିଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ପଣ୍ଡା ,କୈଳାଶ ବିଶୋଇ ,ଭଗବାନ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ । ଆମ୍ପାୟାର ଭାବେ ବିକାଶ ନିଶଙ୍କ ଓ ରାମକୃଷ୍ଣ ପାଣିଗ୍ରାହୀ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟ କମିଟି ସଭ୍ୟ ମାଣ୍ଟୁ ଖୁଣ୍ଟିଆ , ପ୍ଲାବନ କୁମାର ଜେନା , ଶୁଭଜିତ ପାଣିଗ୍ରାହୀ , ବବଲୁ ଖୁଣ୍ଟିଆ , ସିବା ଖୁଣ୍ଟିଆ , ପପୁ ପାତ୍ର ,ବାପି ଜେନା ଓ ଚିନ୍ମୟ ପଟ୍ଟନାୟକ ରହିଛନ୍ତି।

# ଅବସରପ୍ରାପ୍ତ ପୋଲିସ ସବଇନ୍ସପେକ୍ଟରଙ୍କ ଆତ୍ମହତ୍ୟା

ନବରଙ୍ଗପୁର,୯।୧୨(ବି.ପ୍ର)

ନବରଙ୍ଗପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଆଇବି ପରିସର ଏକ କୃଷ୍ଣ ଚୁଡା ଗଛରେ ବେକରେ ରସିଦେଇ ଅବସରପ୍ରାପ୍ତ ସବଇନ୍ସପେକ୍ଟର ପ୍ରେମଚାନ୍ଦ ବାଘ ରବିବାର ଆତ୍ମହତ୍ୟା କରିଛନ୍ତି । ରବିବାର ସକାଳୁ ଆଇବିର କର୍ମଚାରୀ ଏହା ଦେଖି ପୋଲିସକୁ ଖବର ଦେଇଥିଲେ । ପରେ ଜଣାପଡିଥିଲା ଯେ ପ୍ରେମଚାନ୍ଦ ସେନାପତି ସାହି ଠାରେ ରହୁଥିଲେ । ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏକ ଅପମୃତ୍ୟୁ ମାମଲା ୩୬/୧୮ ରୁଜୁ କରି ପୋଲିସ ତଦନ୍ତ କରୁଛି । ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା କୁହାଯାଉଛି। ବେକରେ ରସି ଲାଗିଥିଲେ ମଧ୍ୟ ପ୍ରେମଚାନ୍ଦ ଆଣ୍ଠେଇ ବସିଥିବା ଦେଖିବାକୁ ମିଳିଥିଲା। ଘଟଣାଟି ଆତ୍ମହତ୍ୟା ନାଁ ହତ୍ୟା ତାହା ଜନସାଧାରଣ ସନ୍ଦେହ କରୁଛନ୍ତି ।

## ସଂକ୍ଷେପରେ

### ଉମୁରି ବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ

**କୋରାପୁଟ,୯।୧୨(ସ୍ୱ.ପ୍ର.):** କୋରାପୁଟ ବ୍ଲକ ଉମୁରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧାପକ ଶଙ୍କର ପ୍ରସାଦ ଦୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ର ଉଜ୍ୱଳ ଭବିଷ୍ୟତ ଗଢ଼ିବାକୁ ହେଲେ ଇଚ୍ଛାଶକ୍ତି ସହ କଠିନ ପରିଶ୍ରମ ହିଁ ତାହାକୁ ବାସ୍ତବ ରୁପ ଦେଇପାରିବ। ଶିକ୍ଷକ ମାଧବ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସେନାବାହିନୀ ପୂର୍ବତନ ଜୁନିଅର କମିଶନର ସନ୍ତୋଷ ପାତ୍ର ସେନାରେ ଭର୍ତ୍ତି ହେବା ପାଇଁ କିପରି ପ୍ରସ୍ତୁତି ଦରକାର, ତାହା ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ବିଜ୍ଞାନ ଶିକ୍ଷକ ଜଗନ୍ନାଥ ଦାସ କାର୍ଯ୍ୟକ୍ରମ ପରିଚାଳନା ଓ ଶିକ୍ଷକ ମନୋଜ ବେହେରା, ଶିକ୍ଷୟିତ୍ରୀ ରିତା ପାତ୍ର, ସିପ୍ରା ଦେବୀ, ସୁନନ୍ଦା ସ୍ୱାଇଁ, ମାଟ୍ରୋନ ସୁସ୍ମିତା ଜେନା ଏଥିରେ ସହଯୋଗ କରିଥିଲେ।

### ଭାଜପାର ଜନ ପରାମର୍ଶ ପଦଯାତ୍ରା

**ନନ୍ଦପୁର,୯।୧୨(ଡି.ଏନ୍.ଏ.):** ଭାଜପା ପକ୍ଷରୁ ଗୁରୁବାର କୋରାପୁଟ ଜିଲା ନନ୍ଦପୁର ସଦରରେ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। ନନ୍ଦପୁର ଠାକୁରାଣୀ ମନ୍ଦିରରୁ ଏହି ପଦଯାତ୍ରା ଆରମ୍ଭ ହୋଇ ଅଞ୍ଚଳ ପରିକ୍ରମା କରିଥିଲା। ଏଥିରେ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଭାଜପା ଜିଲା ସମ୍ପାଦକ ଭଗବାନ ପେଟିଆ, ଜିଲା ଆଦିବାସୀ ସେଲ ସଭାପତି ବିଶ୍ୱନାଥ ଶିଶା, ଜିଲା କୃଷକ ମୋର୍ଚ୍ଚା ସଭାପତି ଧନୁର୍ଜୟ ମୁଦୁଲି, ନନ୍ଦପୁର ମଣ୍ଡଳ ସଭାପତି ଦୁର୍ଗା ପଟ୍ଟନାୟକ, ଜିଲା ଆଦିବାସୀ ସେଲ ସଭ୍ୟ ଜୟରାମ ଭୋଇ, ଜିଲା ଯୁବମୋର୍ଚ୍ଚା ଉପସଭାପତି ସୁନୀଲ କୁମାର ପଣ୍ଡା, ଭଗବାନ ମୁଦୁଲି, ତୁଷାରକାନ୍ତ ମହାନ୍ତି, ହରି ବେହେରା, ଗଣେଶ ଖିଲ ନେତୃତ୍ୱ ନେଇଥିଲେ।

### ଆମ୍ବେଡକରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**କୋରାପୁଟ,୬।୧୨(ସ୍ୱ.ପ୍ର.):** ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବାବା ସାହେବ ଭୀମରାଓ ଆମ୍ବେଡକରଙ୍କ ୬୩ତମ ଶ୍ରାଦ୍ଧବାର୍ଷିକୀ ଗୁରୁବାର ପାଳିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଆମ୍ବେଡକର ପାର୍କରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଅବକାରୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେଠାରେ ଥିବା ଡ. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ନାୟକ, ବିଡିଓ ନରେନ୍ଦ୍ର ନାୟକ, ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ, ପୂର୍ବତନ ପୌରାଧକ୍ଷ ଭଗବାନ ବାହିନୀପତି, ଜିଲା ପରିଷଦ ଉପାଧକ୍ଷା ତୁଳସୀ କିର୍ସାନି, ପୂର୍ବତନ ବିଧାୟକ ନିମାଇଁ ସରକାର, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ସଦସ୍ୟ ମଦନ କିର୍ସାନି, ବିଜେଡି ଯୁବନେତା ଶଙ୍କର ପ୍ରସାଦ ଦୁରିଆ ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଜନତାଙ୍କୁ ଆହ୍ୱାନ ଦେଇଥିଲେ।

### ଅବସରପ୍ରାପ୍ତ କର୍ମଚାରୀଙ୍କ ମାସିକ ବୈଠକ



**କୋଲାବନଗର,୯।୧୨(ଡି.ଏନ୍.ଏ.):** କୋରାପୁଟ ଜିଲା ଅବସରପ୍ରାପ୍ତ କର୍ମଚାରୀମାନଙ୍କ ମାସିକ ବୈଠକ ସ୍ଥାନୀୟ ସଂଘ କାର୍ଯ୍ୟାଳୟରେ ସଭାପତି ଓ ସମ୍ପାଦକ ଭଗବାନ ନାୟକଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକଙ୍କ କେତେକ ଦାବି ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ସେମାନଙ୍କୁ ଚିକିତ୍ସା ଭତ୍ତା ଦେବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସରକାର ବରିଷ୍ଠ ନାଗରିକଙ୍କ ଦାବି ପୂରଣ ନେଇ ଉଦାସୀନତା ପ୍ରଦର୍ଶନ କରୁଥିବା କହି ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଜାନୁୟାରୀରେ ସାରା ରାଜ୍ୟରେ ସେମାନଙ୍କ ଦାବି ପୂରଣ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଛନ୍ତି ବୋଲି ସମ୍ପାଦକ ସୂଚନା ଦେଇଛନ୍ତି। ସରକାର ଇତିମଧ୍ୟରେ ସମସ୍ତ ଦାବିଗୁଡିକ ପୂରଣ ନ କଲେ ଅବସରପ୍ରାପ୍ତ କର୍ମଚାରୀ ସଂଘ ଠିକ ସମୟରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ବରିଷ୍ଠ କର୍ମଚାରୀମାନେ ମତ ପ୍ରଦାନ କରିଛନ୍ତି।

■ କୋଲାବ ବିସ୍ଥାପିତ ସଂଘର ବୈଠକ

# ଉପଯୁକ୍ତ ଥଇଥାନ, ନିଯୁକ୍ତି ଦାବି

**କୋରାପୁଟ,୯।୧୨(ସ୍ୱ.ପ୍ର.)**

କୋରାପୁଟ-ଜୟପୁର ରାସ୍ତାର କୋଲାବ ଛକସ୍ଥିତ ହନୁମାନ ମନ୍ଦିରରେ ଶନିବାର ମଧ୍ୟାହ୍ନରେ ଅପର କୋଲାବ ବିସ୍ଥାପିତ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ସଂଘ ପ୍ରତିଷ୍ଠାତା ସଭାପତି ପ୍ରତାପ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ପ୍ରଭାକର ହନ୍ତାଳ ଯୋଗଦେଇ କହିଥିଲେ, କୋଲାବ ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକଙ୍କୁ ଏଯାବତ୍ ଥଇଥାନ କରାଯାଇ ନାହିଁ। କୋଲାବ ସଂରକ୍ଷିତ ଡ୍ୟାମର ଜଳ ହାଲ୍, ନାଲକୋ ଓ ବିଲ୍ଟ ପେପର ମିଲ ବ୍ୟବହାର କରୁଥିବାରୁ ସେମାନେ ନିଜ କାରଖାନାରେ ବିସ୍ଥାପିତ ପରିବାରର ଶିକ୍ଷିତ ବେକାରୀ ଯୁବତୀ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ଚାକିରି ଦେବାକୁ ସେ ଦାବି କରିଥିଲେ। ଆଗାମୀ ନିର୍ବାଚନରେ ବିସ୍ଥାପିତ ସଂଘ ଉଦ୍ୟମରେ କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଉଚିତ ଲୋକଙ୍କୁ ନିର୍ବାଚିତ କରିବାକୁ ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସୁଦୟ ବାଘ, ଉଦ୍ଧବ କିର୍ସାନୀ, ଜଗନ୍ନାଥ ପାଙ୍ଗି, କମଳଲୋଚନ ତାଲାବ, ଦୀନବନ୍ଧୁ ସୁନାବେସିଆ, କୁମ ମାଳି, ସୁନଧର ମାଳି, ବୈରାଗୀ ମଠ, ମାଧବ ମାଝି, ଘେନୁ ପାଙ୍ଗି, ସାଧୁ ବଡ଼ନାୟକ, ଡମ୍ବରୁଧର ମାଳି ଉପସ୍ଥିତ ଥିଲେ । ସଂଘ ସଂପାଦକ ସୁବାସ ପଟ୍ଟନାୟକ ବୈଠକ ପରିଚାଳନା କରିଥିଲେ।



କୋଲାବ ଛକ ହନୁମାନ ମନ୍ଦିରରେ ଅନୁଷ୍ଠିତ ବୈଠକରେ ବିସ୍ଥାପିତ ସଂଘର ନେତାମାନେ।

# ସଂପର୍କ ରଥର ଶୁଭାରମ୍ଭ

■ଶାବର ଶ୍ରୀକ୍ଷେତ୍ରରେ ୩ ରଥ ନିର୍ମାଣ ପାଇଁ ସଂଗ୍ରହ କରିବ କାଠ

**କୋରାପୁଟ,୯।୧୨(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ୨୦୧୯ ରଥଯାତ୍ରା ପାଇଁ ୩ଟି ରଥ ନୂତନ ଭାବେ ନିର୍ମାଣ କରାଯିବ। ଏଥିପାଇଁ କାଠ ସଂଗ୍ରହ କରିବାକୁ ଶାବର ଶ୍ରୀକ୍ଷେତ୍ର ପରିଚାଳନା କମିଟି ପକ୍ଷରୁ ମନ୍ଦିରରୁ ଏକ ସଂପର୍କ ରଥର ଶୁଭାରମ୍ଭ ହୋଇଛି। କମିଟି ସଂପାଦକ ତଥା ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା, ଡଃ ଜଗବନ୍ଧୁ ସାମଲ, ସୁଧାକର ପଟ୍ଟନାୟକ, ପ୍ରୀତିଧାରା ସାମଲ, ନିଳାଦ୍ରୀ ପଟ୍ଟନାୟକ, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଗୁରୁବାର ରାତି ୮ଟା ୩୦ରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଏହି ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ମାସାଧିକ କାଳ କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଜିଲାର ସମସ୍ତ ବ୍ଲକ ମୁଖ୍ୟାଳୟ ପରିକ୍ରମା କରି ରଥ ପାଇଁ କାଠ ସଂଗ୍ରହ କରିବ। ୨୦୧୯ ମେ ୭ ଅକ୍ଷୟ ତୃତୀୟାରେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଯଜ୍ଞ ଆୟୋଜନ କରାଯାଇ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯିବ।



ସମ୍ପର୍କ ରଥର ଶୁଭାରମ୍ଭ କରାଯାଉଛି।

■ ଆଇନଜୀବୀ ସଂଘ କ୍ରିୟାନୁଷ୍ଠାନ କମିଟି ବୈଠକ

# ଆନ୍ଦୋଳନ ପାଇଁ ଜୟପୁରରେ ଜାତୀୟ ଲୋକ ଅଦାଲତ ବନ୍ଦ

**ଜୟପୁର,୯।୧୨ (ଡି.ଏନ୍.ଏ./ନି.ପ୍ର.)**

ଜୟପୁର ସ୍ଥିତ ଜିଲା ଆଇନଜୀବୀ ସଂଘ କାର୍ଯ୍ୟାଳୟରେ ଅବିଭକ୍ତ କୋରାପୁଟ ଜିଲା ଆଇନଜୀବୀ ସଂଘକୁ ନେଇ ଗଠିତ କ୍ରିୟାନୁଷ୍ଠାନ ଏବଂ ସମନ୍ୱୟ କମିଟିର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି ନେଇ ଗତ ମଙ୍ଗଳବାରରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବା ବେଳେ ଆଇନଜୀବୀ ସଂଘର ବିରୋଧ ଯୋଗୁଁ ଜୟପୁରରେ ଶନିବାର ଜାତୀୟ ଲୋକ ଅଦାଲତ ବନ୍ଦ ହୋଇଥିଲା । ମଧ୍ୟାହ୍ନରେ ସ୍ଥାୟୀ ବେଞ୍ଚ ଦାବି ନେଇ ଆସନ୍ତା ୧୮ ତାରିଖ ଅବିଭକ୍ତ କୋରାପୁଟ ଜିଲା ବନ୍ଦ ଡାକରାକୁ ସଫଳ କରିବା ପାଇଁ ଆଇନଜୀବୀ ସଂଘର କର୍ମକର୍ତ୍ତାଙ୍କୁ ନେଇ ବୈଠକ ହୋଇଥିଲା। ଜିଲା ଆଇନଜୀବୀ ସଂଘ ସଭାପତି ବିରେଶ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନବରଙ୍ଗପୁର ଜିଲା ସଂଘ ସଭାପତି ନରସିଂହ ତ୍ରିପାଠୀ, ଉପସଭାପତି ହରିନାରାୟଣ ବେହେରା, କୋରାପୁଟ ସଂଘ ସଭାପତି ସୁଦର୍ଶନ ଗୌଡ଼, ସଂପାଦକ ସୁନିଲ ଜେନା, କୋଟପାଡ଼ ସଂଘ ସଭାପତି ମଣି ପଟ୍ଟନାୟକ, ପଙ୍କଜ ପାତ୍ର, ସେମିଳିଗୁଡ଼ା ସଂଘର ପିତାମ୍ବର ସାହୁ ଉପସ୍ଥିତ ଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ରମେଶ ପାଣିଗ୍ରାହୀ, ପ୍ରଭାକର ପଟ୍ଟନାୟକ, ଶଶାନନ୍ଦ ମିଶ୍ର, ଦାଶରଥୀ ପଟ୍ଟନାୟକ, ରାଜ କିଶୋର ପାତ୍ର, ଶରତ ମାଝି, ରବିନ୍ଦ୍ର ପାତ୍ର, ଗିରିଧର ଖରା, ହରିଶ ମୁଦୁଲି ସାମିଲ ଥିଲେ।


ଆଇନଜୀବୀ ସଂଘମାନଙ୍କର ମିଳିତ ବୈଠକ ଚାଲିଛି।

### ମତଦାତା ସର୍ଭେ ପାଇଁ ବୈଠକ

**ବନ୍ଧୁଗାଁ,୯।୧୨(ଡି.ଏନ୍.ଏ):** ମତଦାତା ସର୍ଭେ ନେଇ ବନ୍ଧୁଗାଁ ବ୍ଲକ୍ ରାଜୀବଗାନ୍ଧୀ ସେବା କେନ୍ଦ୍ରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି।ର ଏଥିରେ ଏବିଡିଓ ମନୋଜ ନାୟକ, ଲକ୍ଷ୍ମୀକାନ୍ତ ସାହୁ, ରାଜେଶ ଦାସ, ଅଭି ମାଛ, ସୁରେଶ ପଟ୍ଟନାୟକ ଉପସ୍ଥିତ ଥିଲେ। ମତଦାତା ତାଲିକାରେ ନାମ ନ ଥିବା ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ନାଗରିକଙ୍କୁ ନୂତନ ଭୋଟର ତାଲିକାରେ ସାମିଲ, ମୃତ ବ୍ୟକ୍ତିଙ୍କ ନାମ ବାଦ୍‌ଦେବା ଏବଂ ଭୋଟ ପରିଚୟପତ୍ର ମିଳିଥିଲେ ମଧ ଭୋଟର ତାଲିକାରେ ନାମ ନ ଥିବା ଲୋକଙ୍କୁ ଏଥିରେ ସାମିଲ କିଭଳି କରାଯିବ ଏବଂ ସେମାନଙ୍କୁ କେଉଁ କେଉଁ ଫର୍ମ ପୂରଣ କରିବାକୁ ପଡ଼ିବ ଏନେଇ ବୈଠକରେ ଶିକ୍ଷକମାନଙ୍କୁ ଅବଗତ କରାଯାଇଛି। ସର୍ଭେର ନକଲ ବ୍ଲକ୍ ଅଧିକାରୀଙ୍କ ନିକଟରେ ଜମା କରିବାକୁ ଶିକ୍ଷକଙ୍କୁ ସୂଚିତ କରାଯାଇଛି।

# ନିର୍ବାଣ ସାହିତ୍ୟ ପରିଷଦର ରୌପ୍ୟ ଜୟନ୍ତୀ

**ଜୟପୁର,୯।୧୨(ନି.ପ୍ର.)**

ଜୟପୁରରେ ନିର୍ବାଣ ସାହିତ୍ୟ ପରିଷଦର ରୌପ୍ୟ ଜୟନ୍ତି ସମାରୋହର ପ୍ରଥମ ଦିବସ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସାନ୍ଧ୍ୟ ଫଙ୍କସନ ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜୟପୁର ଆକାଶବାଣୀ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ଯୁଗଳ କିଶୋର ପଣ୍ଡା, କୃଷି ନିର୍ଦ୍ଦେଶାଳୟର ଅରବିନ୍ଦ ରାୟ, କଥାକାର ରାଜ କିଶୋର ଦାସ, ସାମାଜିକ କର୍ମୀ ପ୍ରକାଶ କୁମାର ନାୟକ, 'ନିର୍ବାଣ' ସଂପାଦକ ଚନ୍ଦ୍ରକାନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ। 'ସମାଜ ଉପରେ ସାଂପ୍ରତିକ କ୍ଷୁଦ୍ରଗଳ୍ପର ପ୍ରଭାବ' ଉପରେ ଆଲୋଚନା କରାଯାଇଥିଲା। ପରେ ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ପରିବେଷଣ ଓ ସୁଗମ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଅତିଥିମାନେ ସାହିତ୍ୟ ପରିଷଦ ରୌପ୍ୟ ଜୟନ୍ତୀର ପ୍ରଥମ ଦିବସ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

# ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ

**କୋଟପାଡ଼,୯।୧୨(ଡି.ଏନ୍.ଏ.)**

କୋଟପାଡ଼ ହାଟପଦା ନିକଟସ୍ଥ କଲ୍ୟାଣ ମଣ୍ଡପଠାରେ କୋଠାବାଡ଼ି ନିର୍ମାଣ ଶ୍ରମିକଙ୍କ ପାଇଁ ଶ୍ରମ ବିଭାଗ ତରଫରୁ ଆୟୋଜିତ ସାଇକେଲ ବଣ୍ଟନ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, କୋଟପାଡ ବିଧାୟକ ଚନ୍ଦ୍ରଶେଖର ମାଝି, ଜୋନ-୨ର ଜିଲାପରିଷଦ ସଭ୍ୟ ଦୁରୁପୁତା ଭତରା, ଏନ୍‌ଏସି ଅଧକ୍ଷା ସୁଚିତ୍ରା ସ୍ୱାଇଁ, ମନୋହର ବିଷୋଇ, ସୁଧିର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କୋଟପାଡ଼ ନିର୍ମାଣ ଶ୍ରମିକ ସଂଘର ୧୨୮ ଜଣ ପୁରୁଷ ଶ୍ରମିକ ଏବଂ ୭୨ ଜଣ ମହିଳା ଶ୍ରମିକଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ବିବାହ ସହଯୋଗ ପାଇଁ ୨ ଜଣଙ୍କୁ ୨୫ ହଜାର , ଶ୍ରମିକମାନଙ୍କ ପିଲାଙ୍କ ପାଠପଢ଼ା ପାଇଁ ୧୨୫ ଜଣଙ୍କୁ ୩ ହଜାରରୁ ୭ ହଜାର ପର୍ଯ୍ୟନ୍ତ ଲେଖାଏ ଅର୍ଥ ରାଶି ପ୍ରଦାନ କରାଯାଇଛି। ସେହିପରି ଅକାଳ ମୃତ୍ୟୁ, ବିଧବା ଶ୍ରମିକଙ୍କୁ ସହାୟତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ, ଗୀତାଞ୍ଜଳି ପତି, ବିଡିଓ ଅଂଶୁମାନ ମହାପାତ୍ର, ପଙ୍କଜ ପାତ୍ର, ଏମ୍‌ଡି ସାଲିମ୍, ସନ୍ତୋଷ ମିଶ୍ର,ରାଜୁ ବକ୍ସି, ପଦ୍ମିନୀ ଦିଆନ , ଶ୍ରମିକ ନେତା ଯୀଶୁଦାନ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ୯୨ ଜଣ ନୂତନ ଶ୍ରମିକଙ୍କୁ ଚିହ୍ନଟ କରାଯାଇ ନାମ ପଞ୍ଜୀକୃତ କରାଯାଇଛି।


ଏମ୍‌ପି ବଳଭଦ୍ର ମାଝି ଜଣେ ନିର୍ମାଣ ଶ୍ରମିକଙ୍କୁ ସାଇକେଲ୍ ପ୍ରଦାନ କରୁଛନ୍ତି।

### 'ଆମେ ବଦଳେଇବୁ ଦେଶ ଆମର' କାର୍ଯ୍ୟକ୍ରମ

**ଦଶମନ୍ତପୁର,୯।୧୨(ଡି.ଏନ୍.ଏ)**

ଦଶମନ୍ତପୁର ବ୍ଲକସ୍ଥିତ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟରେ 'ଆମେ ବଦଳେଇବୁ ଦେଶ ଆମର' କାର୍ଯ୍ୟକ୍ରମ ଓଡ଼ିଶା ଇଲେକ୍‌ଶନ ୱାଚ୍ ଏବଂ ଏଡିଆର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଛି। ପ୍ରୋଗାମ ଅଧିକାରୀ ଯଶୋବନ୍ତ ଗରଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଅତିଥିଭାବେ ସୁଶାନ୍ତ ସାହୁ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପତିତପାବନ ସେନାପତି, ପ୍ରଶାନ୍ତ କନ୍ଧପାନ, ପର୍ଶୁରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନାଗରିକମାନେ କିଭଳି ନିର୍ଭୁଲରେ ମତଦାନ କରିପାରିବେ ସେ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ।



# ଭଲି ବଲ ଟୁର୍ନାମେଣ୍ଟରେ କୋଟପାଡ଼ ଚାମ୍ପିୟନ

**କୋଟପାଡ଼,୯।୧୨(ଡି.ଏନ୍.ଏ)**

କୋଟପାଡ଼ ବିଜୁ ଯୁବ ବାହିନୀ , ଏନ୍‌ଏସି, ବ୍ଲକ୍ ମିଳିତ ଆନୁକୂଲ୍ୟରେ ଭୈରବ ପଡ଼ିଆରେ ଭଲି ବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟକ ଚନ୍ଦ୍ରଶେଖର ମାଝି ଏହାକୁ ଉଦ୍‌ଘାଟନ କରିଥିଲେ। ଏନ୍‌ଏସି ଉପାଧକ୍ଷ ବାପୁନ ତ୍ରିପାଠୀ, ବିଡିଓ ଅଂଶୁମାନ ମହାପାତ୍ର, ଆନନ୍ଦ ବଇଦ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ପି ବଳଭଦ୍ର ମାଝି, ପଦ୍ମିନି ଦିଆନଙ୍କ ଉପସ୍ଥିତିରେ ୧୭ଟି ପଞ୍ଚାୟତକୁ କ୍ରୀଡ଼ା କୀଟ ବଣ୍ଟନ କରାଯାଇଛି। ଉକ୍ତ ଟୁର୍ନାମେଣ୍ଟରେ ୧୫ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲରେ କୋଟପାଡ଼ ଏନ୍‌ଏସି ଓ ଭନସୁଲି ପଞ୍ଚାୟତ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏସି ଦଳ ଚାମ୍ପିୟନ ହୋଇଛି। ଚାମ୍ପିୟନ ଏବଂ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଛି। ସ୍ଥାନୀୟ ବିଧାୟକଙ୍କ ସହିତ ବିଡିଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ, ସୁଧିର ମହାନ୍ତି, ବିଜୁ ଯୁବ ବାହିନୀ ସଂଯୋଜକ ସନ୍ଦୀପ,ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

■ବାଲିଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

# ଶିକ୍ଷକ ନିଯୁକ୍ତି, ପାଇପ୍ ସଂଯୋଗ ଦାବି

**ବୈପାରୀଗୁଡ଼ା,୯।୧୨(ଡି.ଏନ୍.ଏ.)**

ବୈପାରୀଗୁଡ଼ା ବ୍ଲକ ବାଲିଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୯୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ୨୦୧୩-୧୪ରେ ୭୦ ଲକ୍ଷ ଟଙ୍କା ବିନିଯୋଗରେ କୋଠାଘର ନିର୍ମାଣ ହୋଇଥିଲା। ସେଥିରେ ପିଲାଙ୍କ ପାଇଁ ୨ଟି ଶୌଚାଳୟ ହୋଇଥିଲେ ମଧ୍ୟ ପାଣି ବ୍ୟବସ୍ଥା ନାହିଁ । ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ପାଣିଟାଙ୍କି ଅର୍ଦ୍ଧନିର୍ମିତ ଅବସ୍ଥାରେ ଛାଡ଼ି ଦେଇଥିବା ବେଳେ ପାଇପ୍ ଆଦୌ ସଂଯୋଗ କରିନାହାନ୍ତି। ଫଳରେ ପିଲାଙ୍କୁ ବାହାରୁ ବାଲ୍‌ତିରେ ପାଣି ଟେକି ନେବାକୁ ପଡୁଛି । ସେହିପରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨ଟି ଶୌଚାଳୟ ମଧ୍ୟରୁ ଗୋଟିକ ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟଟି ଉପରେ ଛାତ୍ରୀଛାତ୍ର, ଶିକ୍ଷକ ଓ ହଷ୍ଟେଲ ପିଲା ନିର୍ଭର କରୁଛନ୍ତି। ଏବେ ଏହା ମଧ ବ୍ୟବହାର ଅନୁପଯୋଗୀ ହେଲାଣି । ଆଗକୁ ଏଠାରେ ନିର୍ବାଚନ ବୁଥ୍ ହେବାକୁ ଥିବାବେଳେ ଏସବୁ ସୁଧାରିବାକୁ ସ୍ଥାନୀୟ ବାସିନ୍ଦା ତଥା ପୂର୍ବତନ ବ୍ଲକ ଅଧକ୍ଷ ନରେନ୍ଦ୍ର କାନ୍ଦିଳିଆ ଦାବି କରିଛନ୍ତି। ସେହିପରି ବିଦ୍ୟାଳୟ କ୍ୟାମ୍ପସକୁ ଲାଗି ବିଦ୍ୟୁତ ଟ୍ରାନ୍ସଫର୍ମର ଥିବାରୁ ପିଲାଙ୍କ ପ୍ରତି ବିପଦ ରହିଛି । ଏହାକୁ ସ୍ଥାନାନ୍ତର କରିବାକୁ ସେ ଦାବି କରିଛନ୍ତି। ନବମ ଓ ଦଶମ ଶ୍ରେଣୀ ପାଇଁ ମାତ୍ର ୩ ଜଣ ଶିକ୍ଷକ ଥିବାବେଳେ ବଳକା ଶିକ୍ଷକ ଯୋଗାଇଦେବାକୁ ମଧ ଦାବି ହୋଇଛି।

# ୧୦ ପିଲାଙ୍କ ଧର୍ମ ପରିବର୍ତ୍ତନ କରାଯାଇଛି

**ବୈପାରୀଗୁଡ଼ା,୯।୧୨(ଡି.ଏନ୍.ଏ.)**

## ସେଲଟ୍‌ର ହୋମ୍ ନାଁରେ ଅଭିଯୋଗ



ଗତ କିଛିଦିନ ହେବ ରଜ୍ୟରେ ବିଭିନ୍ନ ଶେଲଟର ହୋମ୍ ଉପରେ ଚଢ଼ାଉ ଚାଲୁଥିବା ବେଳେ ବୈପାରୀଗୁଡ଼ା ସ୍ଥିତ ଗୁଡ୍ ନିଉଜ୍ ଇଣ୍ଡିଆ ଶେଲଟର ହୋମ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ଉଠିଛି । ଜିଲା ଭାଜପା ମୋର୍ଚ୍ଚା ସଭାନେତ୍ରୀ ମନ୍ଦାକିନି ପାଇକଙ୍କ ନେତୃତ୍ୱରେ ଏକ ଦଳ ଉକ୍ତ ସଂସ୍ଥାକୁ ଯାଇ ଅନୁସନ୍ଧାନ କରିଥିଲେ। ଏହି ସଂସ୍ଥାକୁ ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସ୍ୱୀକୃତି ଗତ ଅକ୍ଟବର ମାସରେ ସମାପ୍ତ ହୋଇଯାଇଛି। ଏବେ ତାହା ବିନା ସ୍ୱୀକୃତି ଚାଲୁଥିବା ଜଣାପଡ଼ିଥିଲା ଉକ୍ତ ଶେଲଟର ହୋମକୁ ୧.୧୧.୨୦୧୩ ରୁ ୩୧.୧୦.୨୦୧୩ ପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଏବେ ଏଠାରେ ୯୪ ଜଣ ଅନ୍ତେବାସୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୬ ଜଣ ବୈପାରୀଗୁଡ଼ା ବ୍ଲକର। ଅନ୍ୟମାନେ ଜିଲା ବାହାର ଅଞ୍ଚଳର। ଉକ୍ତ ସଂସ୍ଥାରେ ନିୟୋଜିତ କର୍ମଚାରୀମାନେ ମଧ ବାହାର ଅଞ୍ଚଳର । ତେବେ ସେଲଟର ନାମରେ ଉକ୍ତ ସଂସ୍ଥାପକ୍ଷରୁ ବ୍ୟାପକ ଧର୍ମାନ୍ତରିକରଣ କରାଯାଉଥିବା ଭାଜପା ସଭାନେତ୍ରୀ ଅଭିଯୋଗ କରିଛନ୍ତି । ବର୍ଷକ ତଳେ ଏଠାରୁ ୧୦ ଜଣ ପିଲାଙ୍କୁ ମାଲକାନାଗିରି ଜିଲା ଗୋବିନ୍ଦପାଲ୍ଲୀଠାରେ ଜଳଦୀକ୍ଷା ଦିଆଯାଇ ଧର୍ମାନ୍ତରିକରଣ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଅନାଥ ପିଲାଙ୍କୁ ଏଠାରେ ରଖିବାର ନିୟମ ଥିବାବେଳେ ଅନେକ ଅନ୍ତେବାସୀ ଅନାଥ ନୁହନ୍ତି ବୋଲି ଜଣାପଡ଼ିଛି। ଦୁର୍ଗମ ଅଞ୍ଚଳର ଆଦିବାସୀମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସେମାନଙ୍କ ପିଲାଙ୍କୁ ଏଠାରେ ରଖାଯାଇ ଏକ ନିର୍ଦ୍ଦିଷ୍ଟ ଧର୍ମ ପ୍ରତି ଆକର୍ଷିତ କରାଯାଉଛି । ବ୍ଲକ ସଦର ମହକୁମାରେ ଏହି ଶେଲଟର ହୋମ୍ ଥିଲେବି ପ୍ରଶାସନର କୌଣସି ଅଧିକାରୀ କେବେ ତଦାରଖ ନ କରିବା ବିଡମ୍ବନାର ବିଷୟ ହୋଇଛି । ଏଠାରେ ସୂଚନାଯୋଗ୍ୟ, ଯେ ବ୍ଲକର ପ୍ରତି ପଞ୍ଚାୟତରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ରହିବା ଓ ପାଠ ପଢ଼ିବା ପାଇଁ ମଙ୍ଗଳ ବିଭାଗ ପକ୍ଷରୁ ଛାତ୍ରବାସ ରହିଛି। ଶେଲଟର ହୋମର ଭିତିରି କଥା ଯେପରି ପଦାକୁ ନ ଆସିବ ସେଥିପାଇଁ ସମସ୍ତ କର୍ମଚାରୀ ଏପରିକି ରୋଷେୟାଙ୍କୁ ମଧ ବାହାରୁ ଅଣାଯାଇଛି । ସଂସ୍ଥାକୁ ବିଦେଶରୁ କୋଟି କୋଟି ଟଙ୍କା ଅନୁଦାନ ଆସୁଥିବାବେଳେ ସେସବୁ ବାଟମାରଣା ହେଉଥିବା ଅଭିଯୋଗ ହେଉଛି । ଏପରି ସଂସ୍ଥାକୁ ତୁରନ୍ତ ବନ୍ଦ କରିବାକୁ ଭାଜପା ପକ୍ଷରୁ ଦାବି ହୋଇଛି ।

## ସଂକ୍ଷେପରେ

### ଭାଜପାର ଜନପରାମର୍ଶ ପଦଯାତ୍ରା

**ବୋରିଗୁମ୍ମା,୯।୧୨ (ଡି.ଏନ୍.ଏ):** ବୋରିଗୁମ୍ମା ମଣ୍ଡଳ ଭାଜପା ପକ୍ଷରୁ ଗୁଜୁନିଗୁଡ଼ା ପଞ୍ଚାୟତଠାରେ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବୋରିଗୁମ୍ମା ମଣ୍ଡଳ ସଭାପତି ବିଜୟ ସାହୁଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଦେବେନ୍ଦ୍ର ବାହିନୀପତି , ଅକ୍ଷୟ ସାହୁ, ମୋହନ ଦୋରା, ଅନୁପ ପାତ୍ର, ଅରୁଣ ଭଟ୍ଟମିଶ୍ର, ବିଜୟ ଜେନାଦେଓ, ଧନପତି ନାୟକ, ସବ୍ୟସାଚୀ ଗୌଡ଼, ଗୁଣଧର ଗୌଡ଼ ପ୍ରମୁଖ ସାମିଲ ଥିଲେ। କର୍ମକର୍ତ୍ତାମାନେ ବିଭିନ୍ନ ଗାଁ ଗହଳିରେ ବୁଲି କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଶଙ୍କର ମହାନ୍ତି, ବିଘ୍ନ ଷଡ଼ଙ୍ଗୀ, ସରୋଜ ପାଣିଗ୍ରାହୀ,ଜଗବନ୍ଧୁ ଗୌଡ, ଲବ ଗୌଡ଼, ହରି ହନ୍ତାଳ, ବୀରେନ୍ଦ୍ର ସୌରିଆ, ଭୁବନ ଜାନି , ଲବ ହରିଜନ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

### କୁକୁଡ଼ା ପାଳନ ତାଲିମ ଶିବିର

**କୁନ୍ଦୁରା,୯।୧୨(ଡି.ଏନ୍.ଏ):** କୁନ୍ଦୁରା ବ୍ଲକ୍ ୩ଟି ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ନେଇ କୁକୁଡ଼ା ପାଳନ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଶିବିର ୧୦ ଦିନ ଧରି ଚାଲିଥିବାବେଳେ ଏହାର ଉଦ୍‌ଯାପନୀ ଉତ୍ସବରେ ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ସନ୍ତୋଷ ତ୍ରିପାଠୀ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ସାରଙ୍ଗଧର ଶତପଥୀ, ଦୀପକ ବାରିକ , ମୋନାଲିସା ନାୟକ, ଚିନ୍ମୟ ରାଉତ ଚାଷୀମାନଙ୍କୁ ତାଲିମ ପ୍ରଦାନ କରିବା ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏସବିଆଇ ଗ୍ରାମୀଣ ସ୍ୱରୋଜଗାର ତାଲିମ କେନ୍ଦ୍ର ନିର୍ଦ୍ଦେଶକ ଇଷ୍ଟ ଶଗରିଆ ତାଲିମାର୍ଥୀଙ୍କୁ ତାଲିମ ଉପଯୋଗିତା ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ତାଲିମ କେନ୍ଦ୍ରର ପ୍ରଶିକ୍ଷିକା ରୀତୁ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

### ରକ୍ତଦାନ ଶିବିର

**ଦାମନଯୋଡ଼ି,୯।୧୨(ସ୍ୱ.ପ୍ର.):** ଏଚ୍‌ଡିଏଫସି ବ୍ୟାଙ୍କ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲ୍ଲୀପ ମହାନ୍ତି ଉଦ୍‌ଘାଟନ କରିଥିବାବେଳେ ଦାମନଯୋଡ଼ି ଥାନା ଅଧିକାରୀ ସହଦେବ ମହାପାତ୍ର, ଉକ୍ତ ବ୍ୟାଙ୍କ ଶାଖା ପରିଚାଳକ ନିକୁଞ୍ଜ ସ୍ୱାଇଁ , ବାଳକୃଷ୍ଣ ପଣ୍ଡା ଅତିଥିଭାବେ ଉପସ୍ଥିତ ଥିଲେ। ୧୦୧ ଥର ରକ୍ତଦାନ କରିଥିବା ପବିତ୍ର ମୋହନ ସାହୁ ଏଥିରେ ରକ୍ତଦାନ କରିଥିଲେ। ତାଙ୍କ ପୁଅ ପ୍ରତ୍ୟୁଷ ସାହୁ, ପତ୍ନୀ ସୁଧାଂଶୁବାଳା ସାହୁ ମଧ୍ୟ ରକ୍ତଦାନ କରିଛନ୍ତି। ଶିବିରକୁ କୋରାପୁଟ ବ୍ଲଡ୍ ବ୍ୟାଙ୍କର ରତିକାନ୍ତ ଖଟୁଆ, ଟଙ୍କଧର ବେହେରା, ବି. ସାହୁ, ସଞ୍ଜୟ ସିଂ, ତପନ ଖୋସଲା , ନରେଶ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ବଦଳି ଚିଠିକୁ ନେଇ ଚର୍ଚ୍ଚା

**ବୋରିଗୁମ୍ମା,୯।୧୨(ଡି.ଏନ୍.ଏ.):** ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ବିଭିନ୍ନ ବ୍ଲକ ଏବଂ ତହସିଲଦାରଙ୍କ ବଦଳି ତାଲିକା ଚିଠି ଜିଲାପାଳଙ୍କୁ ଆସିଥିବାବେଳେ ବୋରିଗୁମ୍ମା ବ୍ଲକ ବିଡିଓ ଏବଂ ତହସିଲଦାରଙ୍କ ବଦଳି ନେଇ ଦୁଇ ବିଭାଗର କର୍ମଚାରୀ ଏବଂ ସାଧାରଣରେ କୌତୁହଳ ପ୍ରକାଶ ପାଇଛି । ଏଠାରେ ସୂଚନାଥାଉ କି ବୋରିଗୁମ୍ମା ବିଡିଓ ଯୋଗେନ୍ଦ୍ର ମାଝିଙ୍କ କାର୍ଯ୍ୟକାଳ ଦେଢବର୍ଷ ହୋଇଥିବାବେଳେ ତହସିଲଦାର ପ୍ରଣୟ ରଞ୍ଜନ ବେହେରାଙ୍କ କାର୍ଯ୍ୟକାଳ କେବଳ ୬ମାସ ହୋଇଛି। ପଞ୍ଚାୟତିରାଜ ବିଭାଗର ଚିଠି ନଂ ପିଆର-ବିଡିଓ-ଇଏସଟିଆଇ-୦୦୦୪-୨୦୧୮-୨୩୪୬୦ ତାରିଖ ୭.୧୨.୨୦୧୮ ଅନୁଯାୟୀ ବୋରିଗୁମ୍ମା ବିଡିଓ ମାଝିଙ୍କୁ ତହସିଲଦାର ବୋରିଗୁମ୍ମା ଏବଂ ତହସିଲଦାର ବେହେରାଙ୍କୁ ବିଡିଓ ବୋରିଗୁମ୍ମା ଭାବେ ଦାୟିତ୍ୱ ଗ୍ରହଣ ପାଇଁ ନିର୍ଦ୍ଦେଶ ରହିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ବିଡିଓ ମାଝିଙ୍କୁ ଯୋଗାଯୋଗ କରାଯାଇଥିବାବେଳେ ଏହା ସତ୍ୟ ବୋଲି ପ୍ରକାଶ କରିଛନ୍ତି ।

■ ମହିଳା ସଶକ୍ତୀକରଣ ସାମାଜିକ ସମୀକ୍ଷା ଶିବିର

# ୨୧ ପ୍ରକାର ଚାଷ ପ୍ରଣାଳୀ ତାଲିମ ନେଲେ

**କୁନ୍ଦୁରା,୯।୧୨(ଡି.ଏନ.ଏ.)**


ଶିବିରରେ ଯୋଗଦେଇଥିବା ମହିଳା ଏବଂ ପୁରୁଷ ।

ଦେଶୀ ଧାନ ବିଷୟରେ ଆଲୋଚନା ହେଲେ କୋରାପୁଟ ଜିଲାର କମଳା ପୂଜାରୀ, ରାଇମତି ଏବଂ ଚନ୍ଦ୍ର ପ୍ରଧାନୀଙ୍କ ନାମ ସର୍ବାଗ୍ରେ ଆସେ । ଏମାନେ ଦେଶୀଧାନ ସଂଗ୍ରହ ଏବଂ ଜୈବିକ ପଦ୍ଧତିରେ ଧାନ ଚାଷ କରିବାରେ ଅଞ୍ଚଳବାସୀଙ୍କୁ ପ୍ରେରଣା ଦେଇଛନ୍ତି। କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଲିମା ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ାଠାରେ ଏମ୍‌ଏସ୍ ସ୍ୱାମୀନାଥନ୍ ସଂସ୍ଥା ତରଫରୁ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ସ୍ୱାବଲମ୍ବନଶୀଳ କରିବା ନିମନ୍ତେ ଏକ ଦିବସୀୟ ସାମାଜିକ ସମୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ପଲ୍ଲୀ ଏବଂ ଗ୍ରାମସଭାରେ ଅଗ୍ରାଧିକାର ମିଳିବା ନେଇ ଆଲୋଚନା ହୋଇଛି। ଓଡ଼ିଶା ଜୀବିକା ମିଶନ ତରଫରୁ ମହିଳାମାନଙ୍କୁ ବିଭିନ୍ନ ପ୍ରକାର ଗୋଷ୍ଠୀଗତଭାବେ ଛତୁଚାଷ , ମାଣ୍ଡିଆ ଏବଂ ଚାଉଳରୁ ପାମ୍ପଡ , ବଡ଼ି ଭଳି ବିଭିନ୍ନ ଦ୍ରବ୍ୟ ପ୍ରସ୍ତୁତି କରିବା ନେଇ ଆଲୋଚନା ହୋଇଛି। ସେହିପରି ମହିଳାମାନଙ୍କୁ ପୁରାତନ ଧାନ ସଂଗ୍ରହ କରିବା ସହ ଜୈବିକ ପଦ୍ଧତିରେ ୨୧ ପ୍ରକାର ଚାଷ ପ୍ରଣାଳୀ ନେଇ ତାମିଲ ଦିଆଯାଇଛି। ଏମାନଙ୍କୁ ତାଲିମ ଦେବାରେ ରାଇମତି ବେଶ୍ ସକ୍ଷମ ହୋଇଥିବା ସ୍ୱାମୀନାଥନ ସଂସ୍ଥା ତରଫରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମଲ୍ଲାର ଭାନ୍ନାନ, ପ୍ରସାଦ ପରିଡ଼ା, ଧନପତି ପରଜା, ଅଜିତ ସାହୁ, ରାଜଦୀପ ବେହେରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ୨୦୦୨ରେ ସ୍ୱାମୀନାଥନ୍ ସଂସ୍ଥା ତରଫରୁ ମହିଳାମାନଙ୍କୁ ତଥା ଗ୍ରାମବାସୀଙ୍କୁ ନେଇ ଏକ ସ୍ୱାବଲମ୍ବୀ ଅଭିଯାନ ଆରମ୍ଭ ହୋଇଥିଲା। ଯାହାକୁ ନେଇ ରାଇମତି ଏବଂ ଚନ୍ଦ୍ର ପ୍ରଧାନୀ ପ୍ରାୟ ୩୦ ପ୍ରକାର ଦେଶୀ ଧାନ ସଂଗ୍ରହ ଏବଂ ଚାଷ କରିବା ପ୍ରଣାଳୀ ନେଇ ରାଜ୍ୟ ଏବଂ ଜାତୀୟସ୍ତରରେ ବିଭିନ୍ନ ସମୟରେ ପୁରସ୍କୃତ ହୋଇଛନ୍ତି।

# ବିଭିନ୍ନ କାର୍ଯ୍ୟକ୍ରମ ତଦାରଖ କଲେ ନୂଆଦିଲ୍ଲୀ ପ୍ରତିନିଧି ଦଳ

**ପଟ୍ଟାଙ୍ଗି,୯।୧୨(ଡି.ଏନ୍.ଏ.)**

ପଟ୍ଟାଙ୍ଗି ଓ ସେମିଳିଗୁଡ଼ା ବ୍ଲକରେ କାର୍ଯ୍ୟରତ ଏଫ୍‌ଇଏସ୍ ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଗ୍ରାମାଞ୍ଚଳରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ନୂଆଦିଲ୍ଲୀରୁ ଆସିଥିବା ଏକ ପ୍ରତିନିଧି ଦଳ ତଦାରଖ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରି ସମୀକ୍ଷା କରିଥିଲେ। ଏରାସାନ୍ତା ଗୁଡ଼ା ଗ୍ରାମରେ ରାସାୟନିକ ସାର ପ୍ରୟୋଗ କମ୍ ପରିମାଣରେ ବ୍ୟବହାର କରିବା ନିମନ୍ତେ ପରିଦର୍ଶନରେ ଆସିଥିବା ଉକ୍ତ ପ୍ରତିନିଧି ଦଳ ତଥା ବିଆର ଏଲ୍‌ଏଫ୍ ଫାଉଣ୍ଡେସନ ପ୍ରଫେସର ଏ ଆର୍ ୱାସାଇବି ଏବଂ ଡଃ ସୁମିତ ରିୟ ଉପସ୍ଥିତ ଚାଷୀଙ୍କୁ ବୁଝାଇ ବା ସହ ଏନ୍‌ପିଏମ୍ ପଦ୍ଧତି ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି। ଉକ୍ତ ପ୍ରତିନିଧି ଦଳ ଜନପ୍ରତିନିଧିଙ୍କ ସହ ଆଲୋଚନା କରି ସରକାରୀ ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି। ବାରକୁଟୁଣି ଗ୍ରାମରେ ଡିବିଆର ଜଳ ସେଚନ ପ୍ରକଳ୍ପ ମଧ୍ୟ ଦେଖିଛନ୍ତି ଏହି ଦଳ। ଏଥିରେ ଏଫଇଏସ ଅନୁଷ୍ଠାନର ପୂର୍ବାଞ୍ଚଳ କାର୍ଯ୍ୟାଳୟ ମୀନା ଦାଶ ମହାପାତ୍ର, ପ୍ରଦୀପ ମହାନ୍ତି, ସୋନାଲି ମହାପାତ୍ର, ବିଜୟ ,ଟପ୍ପୋ, କାର୍ତ୍ତିକ ଚନ୍ଦ୍ର ପୃଷ୍ଟି , କେ. ମୁରଲୀ କ୍ରିଷ୍ଣା, ଦିଲ୍ଲୀପ ଚମ୍ପି, ରଘୁରାମ ମୁଠାଇ, ତ୍ରିନାଥ ଗୁଣ୍ଡା ଉପସ୍ଥିତ ସାମିଲ ଥିଲେ ।

# ଲିଙ୍ଗରେ ଶିବଙ୍କ ପ୍ରତିଛବି


ଲିଙ୍ଗରେ ଶିବଙ୍କ ଆକୃତି ଛବି ।

**ଗୁଣପୁର,୯।୧୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସହର କରାବାଙ୍କସ୍ଥିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗରେ ଏକ ଅଦ୍ଭୁତ ଘଟଣା ଘଟିଛି । ଏଠାରେ ଥିବା ବିଜ୍ଞାନେଶ୍ୱର ଲିଙ୍ଗରେ ଶିବଙ୍କ ପ୍ରତିଛବି ଦେଖିବାକୁ ମିଳିଛି । ଶନିବାର ରାତିରେ ଆଳତି ସମୟରେ ଲୋକମାନେ ଏହି ଏହି ଦୃଶ୍ୟ ଦେଖିବାକୁ ପାଇଥିଲେ। ଯାହାକୁ ନେଇ ଭକ୍ତଙ୍କରେ ଗଭୀର ଶ୍ରଦ୍ଧା ପରିଲକ୍ଷିତ ହେବା ସହ ଉତ୍କଣ୍ଠା ଦେଖାଦେଇଛି । ଉକ୍ତ ଘଟଣା ପ୍ରଚାର ହେବା ପରେ ଏହା ଦେଖିବା ପାଇଁ ମନ୍ଦିରରେ ପ୍ରବଳ ଭିଡ଼ ଜମୁଛି ।

# ଓସୁ ଜିଲା କମିଟିର ୨୧ତମ ସମ୍ମିଳନୀ

**ଜୟପୁର ,୯।୧୨(ଡି.ଏନ.ଏ/ନି.ପ୍ର.)**


ସମ୍ମିଳନୀରେ ଅତିଥି ଏବଂ କର୍ମକର୍ତ୍ତାମାନେ ।

କୋରାପୁଟ ଜିଲା ଜୟପୁରସ୍ଥିତ ଶ୍ରମିକ ଭବନରେ ଓଡ଼ିଶାର ସେଲ୍ସ ରିପ୍ରେଜେଣ୍ଟେଟିଭ୍ ସଂଘ ( ଓସୁ)ର ୨୧ତମ ଜିଲା କମିଟିର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ସଂଘ ଜିଲା ସଭାପତି ମୃତ୍ୟୁଞ୍ଜୟ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଅବସରପ୍ରାପ୍ତ ବରିଷ୍ଠ ଡାକ୍ତର କେଦାର ନାଥ ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଦସ୍ୟମାନେ ନିଜ କର୍ତ୍ତବ୍ୟ ଓ କାର୍ଯ୍ୟପ୍ରତି ପ୍ରତିବଦ୍ଧତା ରହିବାକୁ ପରାମର୍ଶ ଦେଇଛନ୍ତି। ସିଟି କୋର୍ଡିନେଶନ କମିଟ ସାଧାରଣ ସମ୍ପାଦକ ପ୍ରମୋଦ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ଶ୍ରମିକ ଓ କର୍ମଚାରୀଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତିକୁ ବିରୋଧ କରିବା ସହିତ ଆସନ୍ତା ଜାନୁୟାରୀ ୯ ତାରିଖରେ ସାରାଦେଶରେ ଶ୍ରମିକ ଓ କର୍ମଚାରୀଙ୍କ ପକ୍ଷରୁ ଧର୍ମଘଟକୁ ନେଇ ଆଲୋଚନା ହୋଇଛି। ସେହିପରି ମୁଖ୍ୟବକ୍ତାଭାବେ ସଂଘ ରାଜ୍ୟ ସମ୍ପାଦକ ନୃସିଂହ ପ୍ରସାଦ ବ୍ରହ୍ମା ଯୋଗଦେଇ ଔଷଧ ଉପରେ ଜିଏସ୍‌ଟି ଲାଗୁ ନ କରିବା ନେଇ ବୈଠକରେ ଆଲୋଚନା ହୋଇଛି। ଏଥିରେ ସଂଘ ସମ୍ପାଦକ ଏସ୍ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ, କୋଷାଧ୍ୟକ୍ଷ ଆୟ ଓ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟିର ସଭ୍ୟ ସତ୍ୟନାରାୟଣ ବରାଳ,ଲକ୍ଷ୍ମଣ ମିଶ୍ର ଉପସ୍ଥିତ ଥିଲେ ।

### ଯୁବ କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନ ସରିବ ଆଜି

**ଜୟପୁର,୯।୧୨(ଡି.ଏନ.ଏ)**

ଅଖିଳ ଭାରତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ରାଜ୍ୟର ଯୁବ କଂଗ୍ରେସର ସଭ୍ୟ ସଂଗ୍ରହର ଅନ୍ତିମ ଦିବସ ସୋମବର ସଂଧ୍ୟା ୫ ଘଟିକା ପର୍ଯ୍ୟନ୍ତ ରଖାଯାଇଛି। ସେହିପରି ଏହାପର ଅନଲାଇନ ମାଧ୍ୟମରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ସଭ୍ୟ ଗ୍ରହଣ କରାଯିବ , କିନ୍ତୁ ୭୫ ଟଙ୍କା ସଭ୍ୟ ସଦସ୍ୟ ପରିବର୍ତ୍ତେ ୧୪୦ ଟଙ୍କା ରହିବ ବୋଲି ଜିଲା ଦାୟିତ୍ୱରେ ଥିବା ରାଷ୍ଟ୍ରୀୟ ଯୁବ କଂଗ୍ରେସ ପର୍ଯ୍ୟବେକ୍ଷକ ନିଖିଲ ମୋଡ଼ ସୂଚନା ଦେଇଛନ୍ତି। ଏହି ଅବସରରେ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁକାନ୍ତ ପଟ୍ଟନାୟକ, ଏ. ରମେଶ, କାନ୍ତ ପାଢ଼ି, ହାସାନ ମଦାନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଏଲ୍‌ଏସ୍‌ପିଏସ୍‌ରେ ସ୍ପେଲ-ବି ପ୍ରତିଯୋଗିତା

**ରାୟଗଡା ଅଫିସ,୯।୧୨**


ଅତିଥିଙ୍କ ଗ୍ରହଣରେ କୃତୀ ଛାତ୍ରୀଛାତ୍ର ।

ରାୟଗଡା ଜିଲା ଚାନ୍ଦିଲି ପଞ୍ଚାୟତ ଜେକେପୁରର ଲକ୍ଷ୍ମୀପତି ସିଂଘାଣିଆ ପବ୍ଲିକ ସ୍କୁଲ(ଏଲଏସପିଏସ)ରେ ଶନିବାର ସ୍ପେଲ-ବି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜେକେ କାଗଜ କଳ ବାଣିଜ୍ୟ ବିଭାଗ ଉପସଭାପତି ବିଶ୍ୱଜିତ୍ ଦ୍ୱିବେଦୀ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କାର୍ଯ୍ୟ ନିର୍ବାହୀ ଉପସଭାପତି ପବନ କୁମାର ସୁରୀ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଗୁଡାରୀ ସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ହିମାଚଳ ବେହେରା ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥିରେ ୧୧ଟି ବିଦ୍ୟାଳୟର ୯୨ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବିଭାଗରେ ଆଦିତ୍ୟ ବିରଳା ସ୍କୁଲର ଆଶିଷ ସାହୁ ପ୍ରଥମ ଓ ଲକ୍ଷ୍ମୀପତି ସିଂଘାଣିଆ ପବ୍ଲିକ ସ୍କୁଲର ଦିତସ୍ କୁଲିଆ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବିଭାଗରେ ସେଣ୍ଟ ଜାଭିୟର ସ୍କୁଲ ଛାତ୍ର ସିଶାନ୍ତ କୁମାର ସାହୁ ପ୍ରଥମ ଓ ଲକ୍ଷ୍ମୀପତି ସିଂଘାଣିଆ ପବ୍ଲିକ ସ୍କୁଲର ସ୍ୱାଗତ ସାମନ୍ତରାୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ଆୟୋଜିତ ଚେସ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ଲକ୍ଷ୍ମୀପତି ସିଂଘାଣିଆ ପବ୍ଲିକ ସ୍କୁଲର ବି.ରାଜେଶ ଓ କନିଷ୍ଠ ବିଭାଗରେ ବିନତି ମାଝି ଚାମ୍ପିୟନ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ବନବାସୀ କମାର ସମାଜର ବୈଠକ


କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତା ।

**ଲମତାପୁଟ,୯।୧୨(ଡି.ଏନ.ଏ)**

ଲମତାପୁଟ ବ୍ଲକ୍ ଡାକ ବଙ୍ଗଳାରେ କୋରାପୁଟ ବନବାସୀ କମାର ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଜିଲାର ବିଭିନ୍ନ ବ୍ଲକ୍‌ର କମାର ସମାଜ ପ୍ରତିନିଧିମାନେ ଯୋଗଦେଇଥିଲେ। ବନବାସୀ କମାରମାନଙ୍କୁ ଅବହେଳା କରାଯାଉଥିବା ବୈଠକରେ କୁହାଯାଇଛି। କମାରମାନଙ୍କୁ ଆଦିବାସୀ ମାନ୍ୟତା, ଅନ୍ୟାନ୍ୟ ସୁବିଧା ସୁଯୋଗ କିଭଳି ମିଳିବ ସେଥିପାଇଁ ସମାଜ ଲଢ଼େଇ ଜାରି ରଖିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଏଥିରେ ଲମତାପୁଟ ବ୍ଲକ୍ ବନବାସୀ କମାର ସଂଘ ସଭାପତି ଭାବେ ଘେନୁ ଗୋଲରୀ, ଉପସଭାପତି ମନୋଜ ନାୟକ, ସମ୍ପାଦକ ଲୋକନାଥ ଖରା, ସହ ସମ୍ପାଦକ ଉଦ୍ଧବ କୁରୁଡ଼ି, ଆବାହକ ସତ୍ୟସୁନ୍ଦର ନାୟକ ଏବଂ ୧୫ଟି ପଞ୍ଚାୟତର ପ୍ରତିନିଧି ଚୟନ ହୋଇଛି। କାର୍ଯ୍ୟକ୍ରମରେ ସମାଜର ଉପଦେଷ୍ଟା ଚନ୍ଦ୍ରଶେଖର ନାୟକ ପରିଚାଳନା କରିଥିଲେ।

### ଆରଏସଏସର ବନ ବିହାର କାର୍ଯ୍ୟକ୍ରମ

**ଗୁଣପୁର,୯।୧୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଆରଏସଏସର ବନ ବିହାର କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ପୁଲୁଗୁମି ପିକନିକ ସ୍ପଟ ଠାରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଆରଏସଏସର ଜିଲା ପ୍ରଚାରକ ଅଜିତ କୁମାର ବେହେରା ବକ୍ତା ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟ ଅତିଥି ଭାବେ ବି.ଗଜପତି ରାଓ ଯୋଗ ଦେଇ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଦେଶ ପାଇଁ ସ୍ୱୟଂସେବକଙ୍କ ଦାୟିତ୍ୱ, କର୍ତ୍ତବ୍ୟ ସଂପର୍କରେ କହିଥିଲେ । ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ଖେଳକୁଦ ହେବା ସହ ସଭା ଆୟୋଜିତ ହୋଇଥିଲା। ସମସ୍ତ ସ୍ୱୟଂସେବକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

**ଗୁଣପୁର,୯।୧୨(ଡି.ଏନ.ଏ)**

ଗୁଣପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଏଥିରେ ୨୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ବାୟୁ ପ୍ରଦୁଷଣ, ବିଶ୍ୱ ତାପନ, ଜଙ୍ଗଲ କ୍ଷୟର କାରଣ, ଖାଦ୍ୟ ସମ୍ପଦ, ପ୍ଲାବନ ବଳ, ପରିବେଶ ପ୍ରଦୁଷଣ, , କିଚେନ ଗାର୍ଡେନ, ବର୍ଷାଜଳ ଅମଳ ପ୍ରକଳ୍ପ, ମାଟିରସୁରକ୍ଷା, ସୋଲାରସେଲ, ସଡକସୁରକ୍ଷା, ଭୂମିକମ୍ପର ପୂର୍ବସୂଚନା ଆଦି ପ୍ରକଳ୍ପଗୁଡିକ ସ୍ଥାନ ପାଇଥିଲା । ଶିକ୍ଷକ ମୃତ୍ୟୁଞ୍ଜୟ ସ୍ୱାଇଁ, ଶିବ ପ୍ରସାଦ ମିଶ୍ର, ଆଶିଷ ଦତ୍ତ ଓ ତିରୁପତି ପଣ୍ଡା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଜଗଦୀଶ ଶତପଥୀ, ଅନନ୍ତ ଗୌଡ ପରିଚାଳନା କରିଥିବାବେଳେ ସାଗରିକା ଶତପଥୀ, ଚିନ୍ମୟୀ ପଣ୍ଡା କୃଷ୍ଣାବେଣି ପଣ୍ଡା ଓ ମୋନାଲିସା ପାଢୀ ସହଯୋଗ କରିଥିଲେ ।

■ ବଂଶଧାରା ବସନ୍ତ ମହୋତ୍ସବ ପ୍ରସ୍ତୁତି ବୈଠକ

# ଫେବୃୟାରୀ ୪ରେ ମୁଖ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ

**ଗୁଣପୁର,୯।୧୨(ଡି.ଏନ.ଏ)**


ବୈଠକରେ ଆଲୋଚନା କରାଯାଉଛି ।

ରାୟଗଡା ଜିଲା ଗୁଣପୁରଠାରେ ବଂଶଧାରା ବସନ୍ତ ମହୋତ୍ସବ ଲାଗି ସ୍ଥାନୀୟ କନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବ ନିର୍ମାଣ ସମିତି ସଭାପତି ଅକ୍ଷୟ ଦାସ ଅଧ୍ୟକ୍ଷତା କରିଥିଲେ । ବୈଠକରେ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ ହୋଇଥିଲା । ଗତ ବର୍ଷର ଆୟବ୍ୟୟ ଅଟକଳ ଉପସ୍ଥାପନ କରାଯାଇଥିଲା । ଫେବୃୟାରୀ ୧ରୁ ପ୍ରବଚନ କାର୍ଯ୍ୟକ୍ରମ ୩ ଦିନ ଧରି ଆୟୋଜିତ ହେବ । ୪ ତାରିଖରେ ମୁଖ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ ହେବା ସହ ୧୦ ତାରିଖରେ ସରସ୍ୱତୀ ପୂଜାରେ ଉଦ୍‌ଯାପିତ ହେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଶେଷ ଦିନ ପୁରସ୍କାର ବିତରଣ ସହ ସ୍ମରଣିକା ଉନ୍ମୋଚନ କରାଯିବ । ଜାତୀୟ ଏବଂ ଆନ୍ତର୍ଜାତିୟସ୍ତରୀୟ କଳାକାରମାନଙ୍କୁ ଏଥିରେ ସାମିଲ କରାଯିବା ନେଇ ଆଲୋଚନା ହୋଇଥିଲା । ଡିସେମ୍ବର ୧୫ରୁ ମେଗା କ୍ରିଡା ଉତ୍ସବ ପାଇଁ ପଞ୍ଜୀକରଣ କରାଯିବ । ଜାନୁୟାରୀ ୫ରୁ କ୍ରୀଡା ଉତ୍ସବ ମାସେ ବ୍ୟାପୀ ଚାଲିବ । ବୈଠକରେ ବିଧାୟକ ତ୍ରିନାଥ ଗମାଙ୍ଗ, ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁତ୍ତିକା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ,ଉମାଚରଣ ପଟ୍ଟନାୟକ, କୈଳାସ ଦାସ, ଶାନ୍ତି ଦେବୀ, ଡ.ପ୍ରଦୀପ ପଣ୍ଡା, ଡ.ଆର.ଏନ.ମହାନ୍ତି, ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ଦେବୀ ଚୌଧୁରୀ, ପୂର୍ବତନ ଏନଏସି ଅଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ନିଳମାଧବ ପାଢୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ସ୍କୁଲପିଲାଙ୍କୁ ବିପର୍ଯ୍ୟୟ ମୁକାବିଲା ତାଲିମ

**ଦଶମନ୍ତପୁର,୯।୧୨(ଡି.ଏନ୍.ଏ.)**


ତାଲିମଦାତା ପିଲାମାନଙ୍କୁ ତାଲିମ ଦେଉଛନ୍ତି ।

ଦଶମନ୍ତପୁର ବ୍ଲକସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ହେଲ୍ପ ଚାଇଲ୍ଡ ଅଫ୍ ଇଣ୍ଡିଆ ଏବଂ କୋରାପୁଟ ଶିଶୁ ବିକାଶ ପ୍ରକଳ୍ପ ମିଳିତ ଆନୁକୂଲ୍ୟରେ ଛାତ୍ରୀଛାତ୍ରଙ୍କ ପାଇଁ ବିପର୍ଯ୍ୟୟ ପରିଚାଳନା ଏବଂ ଲଘୁକରଣ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଶିଶୁ ବିକାଶ ପ୍ରକଳ୍ପ ସଂଯୋଜକ ସବିର କୁମାର ତୁରୁକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ବିଡିଓ ଡମ୍ବରୁଧର ମଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଓଡ୍ରାଫ୍ ଟିମ୍ ଲିଡର ସୁଜିତ କୁମାର ହୋତା, କୋରାପୁଟ ଶିଶୁ ବିକାଶ ପ୍ରକଳ୍ପ ସଂଯୋଜକ ଅଜିତ୍ କୁମାର ମନବୋଧ, ପ୍ରେମଜିତ ବାଘ, ଦଶମନ୍ତପୁର ଶିଶୁ ବିକାଶ ପ୍ରକଳ୍ପ ସଂଯୋଜକ ଡଷ୍ଟନ ରାଉଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିପର୍ଯ୍ୟୟବେଳେ ପିଲାମାନେ କିଭଳି ନିଜକୁ ଓ ଅନ୍ୟମାନଙ୍କୁ ବଞ୍ଚାଇ ପାରିବେ ସେ ନେଇ କୋରାପୁଟ ଓଏସ୍‌ଏପି ତୃତୀୟ ବାଟାଲିୟନ ଓଡ୍ରାଫ୍ ଟିମ୍ ୪୦ଟି କୌଶଳ ସେମାନଙ୍କୁ ଉଦାହରଣ ସହ ପ୍ରଦର୍ଶିତ କରାଇଥିଲେ। ଏଥିରେ ବ୍ୟବହୃତ ଉପକରଣ ସମ୍ବନ୍ଧରେ ମଧ୍ୟ ସୂଚନା ଦେଇଥିଲେ। ଚଣାବାଡ଼, ଗିର୍ଲିଗୁମ୍ମା, ପି.ବେଡାପଦର ଏବଂ ଡୁମ୍ବାଗୁଡା ପଞ୍ଚାୟତର ୧୦ ଗ୍ରାମରୁ ୪୦୦ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଶିକ୍ଷକ ଓ ଗ୍ରାମବାସୀ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଗର୍ଭବତୀଙ୍କୁ ନିର୍ଯାତନା ଅଭିଯୋଗ

**ରାୟଗଡା ଅଫିସ,୯।୧୨:** ପାରିବାରିକ କଳହକୁ ନେଇ ଜଣେ ୭ ମାସର ଗର୍ଭବତୀ ମହିଳାଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା (ନଂ ୧୪୬/୧୮)ରୁଜୁ କରି ତଦନ୍ତ ଚଳାଇଛି । ବର୍ତ୍ତମାନ ମହିଳାଙ୍କ ସ୍ୱାମୀ ଫେରାର ଅଛନ୍ତି । ରାୟଗଡା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ପେଣ୍ଟା ପଞ୍ଚାୟତର ଗାନ୍ଧୀପଡାର ଆକାଶ ଖରା ୨ ବର୍ଷ ତଳେ ଲକ୍ଷ୍ମୀ ଖରାଙ୍କୁ ପ୍ରେମ ବିବାହ କରିଥିଲେ। କିନ୍ତୁ ବିବାହ ପରଠାରୁ ସ୍ୱାମୀ ଆକାଶ ଓ ତାଙ୍କ ଶାଶୁ ମିଶି ତାଙ୍କୁ ଶାରୀରିକ,ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ବର୍ତ୍ତମାନ ଲକ୍ଷ୍ମୀ ୭ ମାସର ଗର୍ଭବତୀ ହୋଇଥିଲେ ମଧ୍ୟ ନିର୍ଯାତନା କମିନାହିଁ । ନିର୍ଯାତନା ଅସହ୍ୟ ହେବାରୁ ଲକ୍ଷ୍ମୀ ଚାନ୍ଦିଲି ଥାନାରେ ଏତଲା ଦେଇଛନ୍ତି।

### ଷ୍ଟ୍ରିଟଲାଇଟ ଲଗାଇବାକୁ ଦାବି

**ଟିକିରି, ୯।୧୨(ଡି.ଏନ୍.ଏ.):** କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ସଦରରେ ଷ୍ଟ୍ରିଟଲାଇଟ ଲଗାଇବା ପାଇଁ ଦାବି ହୋଇଛି। ଷ୍ଟ୍ରିଟ ଲାଇଟ ନ ଥିବାରୁ ସନ୍ଧ୍ୟାପରେ ଏଠାରେ ଚୋରଙ୍କ ପ୍ରାର୍ଦୁଭାବ ବଢିଥାଏ। ଫଳରେ ସାଧାରଣ ଲୋକ ଡରରେ ପ୍ରାୟତଃ ପଦାକକୁ ବାହାରନ୍ତି ନାହିଁ। ଟିକିରି ଅଞ୍ଚଳରେ ଉତ୍କଳ ଆଲୁମିନା ଭଳି ବଡ କମ୍ପାନୀ ସହିତ ବିଭିନ୍ନ ବ୍ୟାଙ୍କ, ପୋଷ୍ଟ ଅଫିସ, ହାଇସ୍କୁଲ ଓ ଅନେକ ସରକାରୀ, ବେସରକାରୀ ଅଫିସ ରହିଛି। ତେଣୁ ଟିକିରି ସମେତ ବାହାରୁ ମଧ ଏଠାକୁ ଲୋକଙ୍କ ଯା ଆସ ରହିଥାଏ। ତେବେ ଏହି ଅସୁବିଧା ପ୍ରତି ଉତ୍କଳ ଆଲୁମିନା କମ୍ପାନୀ ପ୍ରଶାସନ କିମ୍ବା ବଣିକ ସଂଘ କେହି ହେଲେ ଧାନ ଦେଉ ନଥିବାରୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଦାକାନୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିପ୍ରତି କମ୍ପାନୀ, ପ୍ରଶାସନ ଓ ବଣିକ ସଂଘ ଧାନ ଦେବାକୁ ଦାବି ହୋଇଛି।

### ରକ୍ତଦାନ ଶିବିର



**ରାୟଗଡା ଅଫିସ୍,୯।୧୨:** ରାୟଗଡା ନ୍ୟୁକଲୋନୀସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ତରଫରୁ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡା ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ କୁମାର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ସହରର ବୁଦ୍ଧିଜୀବୀମାନେ ରକ୍ତଦାନ କରିଥିଲେ । ଏଥିରେ ମୋଟ ୪୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଜିଲା ମୁଖ୍ୟ ଡାକ୍ତରଖାନା ତରଫରୁ ରକ୍ତ ଭଣ୍ଡାରର ଡାକ୍ତର ପି.କେ ସୁବୁଦ୍ଧି, ବି.କିଶୋର କୁମାର, ସରୋଜକାନ୍ତ ଆଚାର୍ଯ୍ୟ, ଉମାକାନ୍ତ ମିଶ୍ର, ଶଙ୍କର ତାଡିଙ୍ଗୀ ଉପସ୍ଥିତ ରହି ରକ୍ତଦାନରେ ସହଯୋଗ କରିଥିଲେ। ସନ୍ତୋଷ ଆଚାର୍ଯ୍ୟ, ଶାଖା ପରିଚାଳକ ଅନିଲ ସେନାପତି ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

### ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର




**ରାୟଗଡା ଅଫିସ୍, ୯।୧୨:** ରାୟଗଡା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ପାଠଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟବକ୍ତା ଭାବେ ବ୍ରଜସୁନ୍ଦର ନାୟକ ଯୋଗ ଦେଇ ବିଭିନ୍ନ ଆଇନ୍ ବିଷୟରେ କହିଥିଲେ । ମହାବିଦ୍ୟାଳୟର ଅଧକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ଅବସରପ୍ରାପ୍ତ ପ୍ରାଧାପକ ଡା. ଡି.କେ ମହାନ୍ତି, ପୂର୍ବତନ ଡିନ୍ ନରେନ୍ଦ୍ର କୁମାର ମିଶ୍ର, ବିଭାଗୀୟ ମୁଖ୍ୟ ଭି.ଆର୍ ରତଶ୍ରୀ, ଅଧାପକ ନିତି ମିନିୟାକା, ଅଧାପିକା କୁମାରୀ ନିର୍ମଳା ହିକ୍‌କା ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଶେଷରେ ନିବେଦିତା କର ଧନ୍ୟବାଦ ଦେଇଥିଲେ ।

■ ବିଡିଓ-ଲୋକ ପ୍ରତିନିଧିଙ୍କ ବିବାଦ

# ୧୩ ବର୍ଷରେ ୧୪ ବିଡିଓ

**ଗୁଣପୁର,୯।୧୨(ଡି.ଏନ.ଏ)**

**ଗୁଣପୁର ବ୍ଲକ**
- ■ଅଭିଶପ୍ତ ପାଲଟିଛି ବିଡିଓ ପଦବୀ
- ■ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ଗୁଣପୁର ବ୍ଲକରେ ଏବେ ଅଚଳାବସ୍ଥା । ଲୋକ ପ୍ରତିନିଧି, ବ୍ଲକ କର୍ମଚାରୀ ଏବଂ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ । ଶୁକ୍ରବାର ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗଙ୍କ ଗୋଷ୍ଠୀ ପକ୍ଷରୁ ବିଡିଓଙ୍କୁ ହୋଇଥିବା ଘେରାଉରେ ଏହା ଦେଖିବାକୁ ମିଳିଛି । କିଛି ମାସ ହେବ ବ୍ଲକରେ ଚାଲିଥିବା ଅସନ୍ତୋଷ ଶୁକ୍ରବାର ଉଗ୍ରରୂପ ନେଇଥିଲା । ବ୍ଲକରେ କାର୍ଯ୍ୟ ଠିକ ହେଉନାହିଁ । ହିତାଧିକାରୀଙ୍କ ବିଲ ଠିକ ସମୟରେ ପ୍ରଦାନ ହେଉନି । ଶାସକ ଦଳର ସଭ୍ୟ ହୋଇଥିବା ବେଳେ ବିଜେଡି ଅଧିନରେ ଅଧ୍ୟକ୍ଷ ପଦ ରହିଛି । ସରକାରୀ ଦଳ ହାତରେ ଗୁଣପୁର ବ୍ଲକ ରହିଥିବାବେଳେ ଅଧ୍ୟକ୍ଷା ଏବଂ ଜିଲା ପରିଷଦ ସଭ୍ୟଙ୍କ ବ୍ଲକ ଉପରେ ନିୟନ୍ତ୍ରଣ ନ ଥିବାକୁ ନେଇ ଆରମ୍ଭ ହୋଇଛି ବିବାଦ । ୧୩ ବର୍ଷର ବ୍ଲକର ସ୍ଥିତିକୁ ଅନୁଶୀଳନ କରାଗଲେ ବିଡିଓ ଏବଂ ଲୋକ ପ୍ରତିନିଧିଙ୍କ ମଧ୍ୟରେ ବିବାଦ ପରମ୍ପରା ପାଲଟିଛି । ଗୁଣପୁର ବ୍ଲକ ପାଇଁ ଅଭିଶପ୍ତ ପାଲଟିଛି ବିଡିଓ ପଦବୀ । କାରଣ ୨୦୦୫ରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୩ ବର୍ଷ ମଧ୍ୟରେ ସ୍ଥାୟୀ ଏବଂ ଅସ୍ଥାୟୀ ଭାବେ ୧୪ ଜଣ ବିଡିଓ ଗୁଣପୁର ବ୍ଲକରେ କାର୍ଯ୍ୟ କରିଛନ୍ତି । ୧୩ ବର୍ଷରେ ୧୪ ବିଡିଓ । ୧୩ ବର୍ଷରେ ୯ ଜଣ ସ୍ଥାୟୀ ବିଡିଓ ଏଠାରୁ ଯାଇଥିବା ବେଳେ ୫ ଜଣ ଅସ୍ଥାୟୀ ତଥା ଅତିରିକ୍ତ ଦାୟିତ୍ୱରେ ରହି କାର୍ଯ୍ୟ କରିଥିଲେ । ବିବାଦିୟ ପରିସ୍ଥିତିରେ ଏଠାରୁ ବିଦା ହେବା ଏକ ପ୍ରଥା ପାଲଟିଛି । ଯେଉଁ ଅଧିକାରୀ ଏଠାକୁ ଆସୁଛନ୍ତି ଏକ ବର୍ଷ ରହି ଏଠାରେ କାର୍ଯ୍ୟ କରିବା ମୁସ୍କିଲ ହୋଇପଡୁଛି । ବିବାଦ ମଧ୍ୟରେ ବିଡିଓମାନେ ଛନ୍ଦି ହୋଇଯାଉଛନ୍ତି । ପରେ ସେମାନଙ୍କୁ ଏଠାରୁ ବଦଳି ହୋଇ ଯାଉଛନ୍ତି । ଏହାଦ୍ୱାରା ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଥିବା ଅନେକ ସମୟରେ ଅଭିଯୋଗ ହୋଇ ଆସୁଛି । ହେମନ୍ତ କୁମାର ବିହାରିଙ୍କ ୧ମ ଦଫା କାର୍ଯ୍ୟକାଳରେ ଜିଲା ପରିଷଦ ସଭ୍ୟ ଶ୍ରୀନୁଙ୍କ ସହ ବିବାଦ ଦେଖାଦେଇଥିଲା । ଏହି ମାମଲା ଥାନାଠାରୁ ଆରମ୍ଭ କରି କୋର୍ଟରେ ପହଁଞ୍ଚିଥିଲା । ସେହିପରି ବିଡିଓ ଗୁଣ୍ଡାରାମ ଖମାରିଙ୍କ ସମୟରେ ବ୍ଲକ ଅଧ୍ୟକ୍ଷ କଇଣ୍ଠ ରଇତଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟରେ ଖମାରିଙ୍କ କାର୍ଯ୍ୟକଳାପକୁ ବିରୋଧ କରି ୨୦୧୧ ସେପ୍ଟେମ୍ବର ୨୯ ତାରିଖରେ ଭଙ୍ଗାରୁଜା କରିଥିଲେ । ଘଟଣାର ପରଦିନ ମାମଲାର ପ୍ରତିବାଦ କରି ବିଡିଓଙ୍କ ନେତୃତ୍ୱରେ କର୍ମଚାରୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଶେଷରେ ଏକ ବିବାଦୀୟ ପରିସ୍ଥିତିରେ ଖମାରୀଙ୍କୁ ଏଠାରୁ ବଦଳି ହେବାକୁ ପଡିଥିଲା । ସେହିପରି ବିଡିଓ ବୀରେନ୍ଦ୍ର ଦାସଙ୍କ ସମୟରେ ବ୍ଲକ ଅଧ୍ୟକ୍ଷାଙ୍କ ସମେତ ସେମାନଙ୍କ ସମର୍ଥକ ଏବଂ ବିଡିଓଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । ବିଡିଓ ଦାସ ତାଙ୍କୁ ଅଣଦେଖା କରୁଥିବା ଅଧ୍ୟକ୍ଷା ଅଭିଯୋଗ କରି ଆସୁଥିଲେ । ଶେଷରେ ତାଙ୍କୁ ଏଠାରୁ ବଦଳି କରାଯାଇଥିଲା । ବିରେନ୍ଦ୍ର ମାଝିଙ୍କ କ୍ଷେତ୍ରରେ ମଧ୍ୟ ଏକା ସ୍ଥିତି ହୋଇଥିଲା । କେତେକ ସରପଞ୍ଚ ଏବଂ ଲୋକ ପ୍ରତିନିଧିମାନେ ଅଧ୍ୟକ୍ଷାଙ୍କୁ ବିରୋଧ କରି ୧୮।୯।୨୦୧୪ ରୁ ଧାରଣାରେ ବସିଥିଲେ । ଏହି ବିବାଦରେ ତତ୍‌କାଳୀନ ବିଡିଓ ମାଝି ଛନ୍ଦି ହୋଇ ପଡିଥିଲେ । ଶେଷରେ ମଧ୍ୟ ସେ ଏଠାରୁ ବିଦା ହୋଇଯାଇଥିଲେ । ସେହିଭଳି ବିଡିଓ ଆଶିଷ କୁମାର ଜେନାଙ୍କ ସମୟରେ ମଧ୍ୟ ବ୍ଲକରେ ବହୁ ତୁମ୍ବି ତୋଫାନ ହୋଇଥିଲା । ଗତ ପଞ୍ଚାୟତ ନିର୍ବାଚନ ସମୟରେ ପାତରଅନ୍ତର କରୁଥିବା ଅଭିଯୋଗ କରି ଅଶ୍ୱନୀ ଗମାଙ୍ଗ ଏବଂ ବିଡିଓ ଜେନାଙ୍କ ମଧ୍ୟରେ ହଟ୍ଟଗୋଳ ହୋଇଥିଲା । ଏକ ବିବାଦିୟ ପରିସ୍ଥିତିରେ ବିଡିଓ ଜେନା ମଧ୍ୟ ଏଠାରୁ ବଦଳି ହୋଇଯାଇଥିଲେ। ତାଙ୍କ ପରେ ଗୁଣପୁରର ପୂର୍ବତନ ତହସିଲଦାର ଅକ୍ଷମିତ୍ରା କାର୍ତ୍ତିକ, ପଦ୍ମପୁର ବିଡିଓ ମୋସୁମୀ ନାୟକ ଗୁଣପୁରର ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ । ୧୯।୧।୧୮ରେ ଗାୟତ୍ରି ଦେବୀ ସ୍ଥାୟୀ ବିଡିଓ ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ତାଙ୍କୁ ନେଇ ବିବାଦ। ଦେଖାଯାଉ ସେ ବିଦା ହେଉଛନ୍ତି ନା ରହୁଛନ୍ତି ତାହା ଏବେ ଦେଖିବାକୁ ବାକି ରହିଲା ।


ସଂଘ ସଭାପତି ମୀରା ପରିଡ଼ାଙ୍କ ସହ ଅନ୍ୟ କିନ୍ନରମାନେ ।

## ଓଡ଼ିଶାର ସାମଗ୍ରୀକ ବିକାଶ ନେଇ କିନ୍ନରଙ୍କ ପୂଜାର୍ଚ୍ଚନା

**ରାୟଗଡା ଅଫିସ୍, ୯।୧୨**

ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ କିନ୍ନର୍‌ଙ୍କ ଶକ୍ତି ଆରାଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ସକାଳେ କିନ୍ନରମାନେ ସ୍ଥାନୀୟ ଜ୍ୟୋତି ମହଲ ହୋଟେଲ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଚମା' ମଝିଘରିଆଣୀଙ୍କ ମନ୍ଦିରରେ ପହଞ୍ଚିଥିଲେ । ଓଡ଼ିଶାର ସମସ୍ତ ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି, ସୁଖ, ସମୃଦ୍ଧି, ସବୁଜିମା ପାଇଁ ମା'ଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ । ଏ ସବୁ ପୂଜା ସ୍ୱାମୀ ଦେବଆନନ୍ଦ ଗିରି ମହାରାଜଙ୍କ ଉପସ୍ଥିତିରେ କିନ୍ନର ସଂଘ ସଭାପତି ମୀରା ପରିଡା, ସାଧନା ମିଶ୍ର, ମହନ୍ତ ନିମାଲ ମା' ରାୟଗଡା କିନ୍ନର ସଂଘ ସଭାପତି ରେଶମା, ଉପସଭାପତି ସ୍ୱାତୀ, କୋଷାଧକ୍ଷା କାନ୍ତା ରାଓ କଣ୍ଡାଗରୀ, ଲିନା,ଅପରାଜିତା, କ୍ରିଷ୍ଣା, ସନ୍ତୋଷ ଚମ୍ପତିଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ କିନ୍ନର ଉପସ୍ଥିତ ଥିଲେ । ଏହି ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପାଖରେ ଥିବା ବିମଳା ମନ୍ଦିରରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା ।

## ଅଙ୍ଗନୱାଡ଼ି କର୍ମୀ, ସହାୟିକାଙ୍କୁ ନେଇ ବୈଠକ

**ରାୟଗଡା ଅଫିସ୍,୯।୧୨**


ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଆଲୋଚନା କରୁଛନ୍ତି।

ଅଲ୍‌ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସାମ୍ମୁଖ୍ୟର କାର୍ଯ୍ୟକାରିଣୀ ବୈଠକ ଶନିବାର ସ୍ଥାନୀୟ ଅମଳା ପାଠାଗାରଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାନେତ୍ରୀ ପ୍ରଭାତୀ ନଳିନୀ ଜେନା ଅଧ୍ୟକ୍ଷତା କରିଥିଲେ। ଜିଲା ସମ୍ପାଦିକା ସନ୍ଧ୍ୟାରାଣୀ ବାରିକ ବିବରଣୀ ପାଠ କରିଥିଲେ । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲା ସଂଯୋଜକ ନିରଞ୍ଜନ ପାତ୍ର, ବରିଷ୍ଠ କର୍ମକର୍ତ୍ତା ଅନନ୍ତ ପାଢ଼ୀ ଉପସ୍ଥିତ ଥିଲେ। ସଭାରେ ୭ଟି ବ୍ଲକ୍‌ର ସଭାନେତ୍ରୀ ଓ ସମ୍ପାଦିକା ଯୋଗ ଦେଇଥିଲେ । ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ସରକାରୀ କରିବା ଓ ୧୮ହଜାର ଟଙ୍କା ବେତନ ଦେବା । ଜୀବନ ବୀମା, ପେନ୍‌ସନ୍, ମୃତ୍ୟୁକାଳୀନ ସହାୟକ, ଗରମ ରନ୍ଧା ଖାଦ୍ୟର ମୂଲ୍ୟ ବୃଦ୍ଧି କରିବା ପାଇଁ ଦାବି କରାଯାଇଥିଲା। ଏହାପରେ ସର୍ବସମ୍ମତିକ୍ରମେ ରାୟଗଡା ବ୍ଲକ୍ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଉକ୍ତ ବ୍ଲକ୍‌ର ସଭାନେତ୍ରୀ ଭାବେ ଗୀତା ହିମିରିକା, ସମ୍ପାଦିକା ଜ୍ୟୋତି କୁମାରୀ ନାୟକ, ଉପସଭାନେତ୍ରୀ ସୁକାନ୍ତି ହେପୁରିକା, କୋଷାଧକ୍ଷ ସୂର୍ଯ୍ୟ ହିମିରିକା, ସଦସ୍ୟ ମିଳା ମାଣ୍ଡାଙ୍ଗୀ, ସହ ସମ୍ପାଦିକା ସୁନନ୍ଦିନୀ ହିମିରିକାଙ୍କ ସହ ୨୦ଜଣ ଅଙ୍ଗନୱାଡ଼ି କର୍ମୀ ବିଜୁ ଶ୍ରମିକ ସାମ୍ମୁଖ୍ୟରେ ସାମିଲ୍ ହୋଇଥିଲେ । ଅନ୍ୟାନ୍ୟ ବ୍ଲକ୍‌ରୁ ଆସିଥିବା ମମତା ଗନ୍ତାୟତ, ଲାଲି ପାଣିଗ୍ରାହୀ, ସବିତା ମିଶ୍ର, ସୁମତି ମିଶ୍ର, ମମତା ପୂଜାରୀ, ମିନତୀ, ପଦ୍ମିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

■ ପଞ୍ଚାୟତସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ

## ଡ଼ାଙ୍ଗସୋରଡ଼ା ଟିମ୍ ଚାମ୍ପିୟନ

**ଚନ୍ଦ୍ରପୁର, ୯।୧୨ (ଡି.ଏନ୍.ଏ.)**

ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତର ବାପୁଜୀନଗର ଖେଳପଡିଆ ନିକଟରେ ପଞ୍ଚାୟତସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ସରପଞ୍ଚ ଧାନୁ ମାଝି କୁମୁରୁକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ୧୪ଟି ଟିମର ଅଧିନାୟକମାନଙ୍କ ସହ ହାତକୁ ହାତ ମିଳାଇ ସମସ୍ତଙ୍କୁ ଶାନ୍ତିଶୃଙ୍ଖଳାର ସହ ଖେଳିବା ପାଇଁ ସରପଞ୍ଚ ପରାମର୍ଶ ଦେଇଥିଲେ। ଶେଷରେ ଚାମ୍ପିୟନ ହୋଇଥିବା ଡାଙ୍ଗସୋରଡା ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସରପଞ୍ଚ କୁମୁରୁକା , ସମ୍ମାନିତ ଅତିଥି ଭାବେ ଡାଙ୍ଗସୋରଡା ଥାନା ଅଧିକାରୀ ଧନୁର୍ଜୟ ଦଳେଇ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତସ୍ତରୀୟ ବିଜୁ ଯୁବ ବାହିନୀ ସଭାପତି ପ୍ରବୀର କୁମାର ପାତ୍ର ପରିଚାଳନା କରିଥିଲେ। ସେହିପରି ଚନ୍ଦ୍ରପୁର, ବିଜାପୁର, ସାରିକିମା, ବୁଡିବାଲି, ହନୁମନ୍ତପୁର, ପିସ୍କାପଙ୍ଗା, ଟୁରୀଗୁଡା ପଞ୍ଚାୟତରେ ମଧ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ଧାନମଣ୍ଡି ଉଦ୍‌ଘାଟିତ

**ମୁନିଗୁଡ଼ା/କୋଲନରା/କାଶୀପୁର, ୯।୧୨(ଡ଼ି.ଏନ.ଏ)**

ମୁନିଗୁଡ଼ା ଲ୍ୟାମ୍ପସ ଅନ୍ତର୍ଗତ କୁମୁଡ଼ାବାଲି ଆରଏମସି ୟାର୍ଡ଼ ପରିସରରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଲ୍ୟାମ୍ପସ ସଭାପତି ପ୍ରକାଶଚନ୍ଦ୍ର ଜାଲାଗାପୁ,ଲ୍ୟାମ୍ପସ ଏମଡ଼ି ଶମ୍ଭୁଚରଣ ଦଳବେହେରା, ମନୋଜ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ମୀନକେତନ ଗୌଡ଼, ଲାଡ଼ି ଶାର୍ଙ୍ଗିରି, ଏ.ଭେଙ୍କେଟ ରାମାନା, ଗୌରଚନ୍ଦ୍ର ଶତପଥୀ, ମହାଦେବ ସାହୁ, ଟଙ୍କଧର ଗାଜିବିଲି, ନିରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଆରଏମସି କର୍ମଚାରୀ ଏମ. ପ୍ରକାଶ, ନିଖିଲ ଯାଦବ, ସନ୍ତୋଷ କୁମାର ଦାସ, ହିମାଂଶୁ ଶେଖର ରଥ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ। ସେହିପରି କୋଲନରା ବ୍ଲକର ମୁକୁନ୍ଦପୁରଠାରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବରେ ଲ୍ୟାମ୍ପସ ସଭାପତି ଶିବ ପ୍ରସାଦ ପିକାକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ସୌଦାମିନୀ ଆଚାର୍ଯ୍ୟ, ବସନ୍ତ ପାଳ,କେ. ଗୌରୀ, ସୁଶାନ୍ତ ହିମିରିକାଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ । ସେହିପରି କାଶୀପୁର ବ୍ଲକ ଲ୍ୟାମ୍ପ ପରିସରରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାଶୀପୁର ବିଡିଓ ବେଦବର ପ୍ରଧାନ, କାଶୀପୁର ତହସିଲଦାର ସୌଭାଗ୍ୟ ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଲ୍ୟାମ୍ପ ସଭାପତି ଜୟ ମାଝିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଲ୍ୟାମ୍ପ ଏମଡି ସନ୍ତୋଷ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ଛାତ୍ରମାନେ କ୍ରୀଡ଼ା କୌଶଳ ପ୍ରଦର୍ଶନ କରୁଛନ୍ତି ।

## ଆରୟାନ ସ୍କୁଲର ବାର୍ଷିକ କ୍ରୀଡ଼ା

**ପଦ୍ମପୁର,୯।୧୨(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ପଦ୍ମପୁରଠାରେ ଥିବା ଆରୟାନ ଇଂରାଜୀ ମିଡ଼ିୟମ ସ୍କୁଲରେ ଦୁଇ ଦିନ ଧରି ବାର୍ଷିକ କ୍ରୀଡ଼ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ସମ୍ପାଦିକା ସ୍ୱର୍ଣ୍ଣଲତା ଦାଶ ଯୋଗ ଦେଇ ମଶାଲ ଶୋଭାଯାତ୍ରାରେ ଭାଗ ନେବା ସହ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଗସ୍ତୀ ପ୍ରଧାନ ମୁଖ୍ୟଅତିଥି, ସ୍ଥାନୀୟ ଅଗ୍ନିସେବା କେନ୍ଦ୍ର ଅଧିକାରୀ ସୁଶାନ୍ତ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ମଧ୍ୟ ବିଭିନ୍ନ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିଲେ । ମା'ମାନଙ୍କ ମଧ୍ୟରେ ଜ୍ୟୋସ୍ନାରାଣୀ ଘଡ଼େଇ, କେ. ସନ୍ଧ୍ୟାରାଣୀ, ନିହାରିକା ବିଡ଼ିକା, ଏ. ଅମ୍ବିକା, ଏସ. ଶ୍ରୀଲତା, ପୁଷ୍ପାଞ୍ଜଳି ଶବର କୃତୀତ୍ୱ ହାସଲ କରିଥିଲେ । ମ୍ୟାଚିଂରେ ବଂଶଧାରା ହାଉସ ଓ କବାଡ଼ିରେ ଋଷିକୁଲ୍ୟା ହାଉସ ଚାମ୍ପିୟନ ହୋଇଥିଲେ । ସେମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ ।

■ ସରିଲା ଭଲିବଲ ଟୁର୍ଣ୍ଣାମେଣ୍ଟ

## ବୋଦାପେଡା ଦଳ ଚାମ୍ପିୟନ

**କୋଲନରା,୯।୧୨(ଡି.ଏନ୍.ଏ.)**

ରାୟଗଡା ଜିଲା କୋଲନରା ବ୍ଲକ ଜଗଦମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜୁ ଯୁବ ବାହିନୀ ପକ୍ଷରୁ ଚାଲିଥିବା ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ପଞ୍ଚାୟତସମିତି ଅଧକ୍ଷା ଗୀତା କଣ୍ଡାଗିରି ମୁଖ୍ୟ ଅତିଥି, ଏମ୍‌ପି ପ୍ରତିନିଧି ବି. ତିରୁପତି, କୋଲନରା ଏବିଡିଓ କେ. ଶିବଗୋପାଳ ରାଓ, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ସଭ୍ୟ ଗୋପୀନାଥ ମୁଷୁକା, କୋଲନରା ପିଇଓ ଭି. ମୁରଲୀ କ୍ରିଷ୍ଣାରାଓ ଉପସ୍ଥିତ ଥିଲେ। ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବୋଦାପଡା ଦଳ ଗାଡିଶେଷଖାଲକୁ ହରାଇ ଚାମ୍ପିୟନ ହୋଇଥିଲା। ଅତିଥିମାନେ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।

## ଗ୍ରାମ ସ୍ୱରାଜ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଟିକିରି,୯।୧୨(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ରାଜୀବଗାନ୍ଧୀ ସେବା କେନ୍ଦ୍ରଠାରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ତରଫରୁ ଗ୍ରାମ ସ୍ୱରାଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ପ୍ରତାପ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଞ୍ଜିତ କୁମାର ମିଶ୍ର, ଜି.ଏମ ଦେବରାଜ ମିଶ୍ର ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଟିକିରିସ୍ଥିତ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ତରଫରୁ ବହୁ ଚାଷୀ, ବ୍ୟବସାୟୀ, ସ୍ୱୟଂ ସହାୟକ ଗୋଷ୍ଠୀ ଉପକୃତ ହେଉଥିବା ସୂଚନା ଦେଇଥିଲେ । ସେହିପରି ଧନଜନ ଯୋଜନା, ପ୍ରଧାନମନ୍ତ୍ରୀ ବୀମା ଯୋଜନା ଏବଂ କୃଷି, ଗୋପାଳନ, କୁକୁଡ଼ା ଚାଷ ଆଦି କ୍ଷେତ୍ରରେ ଋଣ ସହାୟତା ଦେବା ନେଇ ଉପସ୍ଥିତ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ପଞ୍ଚାୟତପ୍ରତିନିଧିମାନଙ୍କୁ ଅତିଥିମାନେ ବୁଝାଇଥିଲେ । ଏହି ଅବସରରେ ୧୨ଟଙ୍କା ପ୍ରିମିୟମ ଦେଇ ବୀମାଭୁକ୍ତ ହୋଇଥିବା ସ୍ଥାନୀୟ ଦୋରାସାହିର ମୃତକ ସାବିତ୍ରୀ ଦୋରାଙ୍କ ପରିବାର ସଦସ୍ୟ ସନ୍ତୋଷ ଦୋରାଙ୍କୁ ଦୁଇ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ବ୍ୟାଙ୍କର ବରିଷ୍ଠ ଅଧିକାରୀ ତ୍ରିନାଥ ରଥ, ଦିଲୀପ କୁମାର ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରକାଶଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ୟାଙ୍କ କର୍ମଚାରୀ ପ୍ରଫୁଲ୍ଲ କୁମାର ଘଡ଼େଇ, ଦୀପକ କୁମାର ସାହୁ, ସାହେବ ଦଣ୍ଡସେନା ପ୍ରମୁଖ ପରିଚାଳନା କରିଥିଲେ ।


କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

■ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ

## ଆଦିବାସୀଙ୍କ ନୃତ୍ୟରେ ଦର୍ଶକ ବିଭୋର

**ରାମନାଗୁଡ଼ା,୯।୧୨(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ସଦର ମହକୁମା ମିନିଷ୍ଟାଡ଼ିୟମରେ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଲୁଚି ରହିଥିବା ଜନଜାତି କଳାକୁ ଲୋକଲୋଚନକୁ ଆଣିବାର ଏହି ପ୍ରୟାସକୁ ସମସ୍ତେ ସ୍ୱାଗତ କରିଥିଲେ । ଆଦିବାସୀଙ୍କ ନୃତ୍ୟ ଦେଖି ଦର୍ଶକ ବିଭୋର ହୋଇଯାଇଥିଲେ । ଏହିଉତ୍ସବରେ ୧୦ଟି ଷ୍ଟଲ ଖୋଲାଯାଇଛି । ଏହି ଉତ୍ସବରେ କୋରାପୁଟ ଏମପି ଝିନ୍ନ ହିକ୍‌କା, ରାୟଗଡ଼ା ବିଧାୟକ ଲାଲବିହାରୀ ହିମିରିକା, ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ, ସ୍ୱତନ୍ତ୍ର ଜନଜାତି ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା, ବ୍ଲକ ଅଧ୍ୟକ୍ଷା ରଜନୀ ମାଣ୍ଡାଙ୍ଗି, ଉପାଧ୍ୟକ୍ଷ ସୂର୍ଯ୍ୟ ରାଓ କୁମ୍ବିରିକା, ଯୋଜନା ବୋର୍ଡ଼ ସଦସ୍ୟ ସୁଧୀର ଦାସ, ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ମୁଚିକା, ସାରଦା ସେନାପତି, ବିଡ଼ିଓ ସୁଧାକର ରଇତ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କମଳ ମୁଟିକା, ଜିଲା ବିଜେଡ଼ି ସମ୍ପାଦକ ଗଗନ ଆଚର୍ଯ୍ୟ, ଲକ୍ଷ୍ମଣ ଶବର ଉପସ୍ଥିତ ଥିଲେ । ବେବିରାଣୀ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିପିଇଓ ପ୍ରଭାତ କୁମାର ଶତପଥୀ ଓ ପିଇଓ ବଂଶୀଧର ସେଠୀ ମଞ୍ଚ ପରିଚାଳନା କରିଥିଲେ । ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ପାଣିଗ୍ରାହୀ ଏବଂ ଜୟଶ୍ରୀ ବିଶୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚଳିତବର୍ଷ ବ୍ଲକସ୍ତରୀୟ ଚଇତି ବନ୍ଦ ହୋଇଯାଇଥିବାରୁ ଏହି ଉତ୍ସବ ଦେଖିବାକୁ ପ୍ରବଳ ଭିଡ଼ ଜମିଥିଲା ।